
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in
ବାସ୍ତବତାର ପରିପ୍ରକାଶ
ପ୍ରାଚୀ
PRACHEE
ଅଗଷ୍ଟ ୨୦୧୭
ମୂଲ୍ୟ : ୨୫ ଟଙ୍କା





**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

**ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।**

**ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା 'ପ୍ରାଚୀ' ର ତୃତୀୟ ବର୍ଷର ପଞ୍ଚମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି 'ପ୍ରାଚୀ' ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।**

**ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ଋଦ୍ଧିମନ୍ତ ସୃଷ୍ଟିକୁ ନେଇ 'ପ୍ରାଚୀ'ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।**

**ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ 'ପ୍ରାଚୀ' ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।**

**ସଂପାଦକ**

# 'ପ୍ରାଚୀ'ର କଲମ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍‌ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ..........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

Vol.-3, August 2017, Issue No. V
RNI No. : ODIODI/2015/64435
P.R. No. : CK(C)/96/2016-2018



**ପ୍ରାଚୀ ପରିବାର :**
ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦିକା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ବନଲତା ସିଂହ**
ପରିଚାଳନା ସମ୍ପାଦିକା :
**ପ୍ରଜ୍ଞା ପରିମିତା**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ମନୋଜ କୁମାର ଦାସ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ମୋ: ୮୯୦୮୫୫୪୯୫୬
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
କାର୍ଯ୍ୟକାରୀ ସମ୍ପାଦିକା:
**ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।



Declaration
Edited, Published & Owned by :
Dr. Bibhudatta Khandayatray
Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in


## ଏଇ ସଂଖ୍ୟାରେ...

### ପ୍ରବନ୍ଧ


❑ ତିନୋଟି 'ର'ର ପ୍ରେମିକ

ମାନସ କୁମାର ରାଉତ ୭


### ଗଳ୍ପ


❑ ରୋଗକୁ ଘୃଣା କର, ରୋଗୀକୁ ନୁହେଁ

ବନଲତା ସିଂହ ୧୧

❑ ଲଟେରୀ

ଡ. ବିଦ୍ୟୁତ୍‌ପ୍ରଭା ମିଶ୍ର ୧୩

❑ ଶୁଭସ୍ୟ ଶୀଘ୍ରମ

ପ୍ରଫୁଲ୍ଲ କୁମାର ଦାଶ ୧୭

❑ ଏ ଯୁଗ ସାବିତ୍ରୀ

ଡକ୍ଟର ପଦ୍ମଲୋଚନ ମହାକୁଡ଼ ୨୦

❑ କୁଆଁରୀ ମନର କଥା

ସୁଦର୍ଶନ ବରିହା ୨୪

❑ ମୁକ୍ତି

ଜୟଶ୍ରୀ ଦାସ ୨୬

## PRACHEE MONTHLY ADVT. TARIFF

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mob. : 9124887605
9583390776

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତା ଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..................................................

ଠିକଣା .................................... ପିନ୍‌କୋର୍ଡ଼ ....................

ମୋବାଇଲ୍ ନମ୍ବର .............................. ଇ-ମେଲ୍ ....................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.............................. ତାରିଖ..............................

ବ୍ୟାଙ୍କ୍.............................. ସ୍ଥାନ..............................

ତାରିଖ.............................. ଦସ୍ତଖତ..............................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬

E-mail : pracheepatrika@rediffmail.com, Web. : www.pracheevoice.in

# ତିନୋଟି 'ର'ର ପ୍ରେମିକ

**ମାନସ କୁମାର ରାଉତ**

ସଂସାରର ଅନତି କାଳରୁ ଏହି ପ୍ରେମ ଶବ୍ଦଟି ସୃଷ୍ଟି ହୋଇଅଛି । ଏହାର ସଂଗ୍ୟା ପରିବୃହତ ବା ସର୍ବବ୍ୟାପି । ଅଦ୍ୟ ବିଧି ପ୍ରେମ ଶବ୍ଦଟି ସଂସାରର କୋଣ ଅନୁକୋଣରେ ପ୍ରତିଦିନ ଚଳପ୍ରଚଳ କରୁଅଛି । କିନ୍ତୁ ଏହା ଭିନ୍ନ ଭିନ୍ନ ରୁପରେ ପ୍ରତୀୟ ହୋଇଥାଏ । ଯେଭଳି ଭକ୍ତ ଓ ଭଗବାନ, ଭଗବାନ ଓ ଭଗବାନ, ପିତା ଓ ମାତା, ମାତା ଓ ପୁତ୍ର, ଭାଇ ଓ ଭଉଣୀ, ସ୍ୱାମୀ ଓ ସ୍ତ୍ରୀ । ଏଥିମଧ୍ୟରୁ ଭକ୍ତ ଏବଂ ଭଗବାନଙ୍କ ପ୍ରେମ ସର୍ବଦା ଅପୂର୍ବମୟ ଭାବେ ଜନମାନସରେ ପରିଚିତ । ଭଗବାନ ନିଜର ପ୍ରେମରେ ପ୍ରେମିକ ହୋଇଥିବା ଜଣାଯାଇଥିବା ବେଳେ କିନ୍ତୁ ଏଠାରେ ବର୍ଣ୍ଣିତ ବିଷୟଟି ଟିକେ ଭିନ୍ନ , କାରଣ ଏହି ଭକ୍ତ ଜଣକ ଓଡିଆ ଭାଷର ଗୋଟି ବର୍ଣ୍ଣଅକ୍ଷରର ପ୍ରେମରେ ଲିନ ହୋଇଯାଇଛନ୍ତି । ତାହା ହେଉଛି 'ର' । ଏହି 'ର' ହେଉଛି ଭକ୍ତର ପ୍ରେମ ଏବଂ ତାଙ୍କର ଭଗବାନ । ଦ୍ୱାପର ଯୁଗରେ ଭଗବାନ କୃଷ୍ଣ ଗୋପର ସମସ୍ତ ନାରୀ ମାନଙ୍କ ସହିତ ପ୍ରେମ କରିଥିଲେ । ତ୍ରେତୟା ଯୁଗରେ ରାମ ଅବତାରରେ ତାଙ୍କର ପିୟ ପତ୍ନୀ ସିତା ଏବଂ ପରମ ଭକ୍ତ ହନୁମାନଙ୍କୁ ଗଭୀର ପ୍ରେମ କରୁଥିଲେ । ଏହି ଦୁଇ ଜଣ ମ୍ନ ଭଗବାନଙ୍କ ଅଂଶ ଥିଲେ । ସିତା ମାତା ଦେବୀ ଲକ୍ଷ୍ମୀଙ୍କ ଅଂଶର ହୋଇଥିବା ବେଳେ ହନୁମାନ ଭଗବାନ ଶିବଙ୍କ ଅଂଶର ହୋଇଥିଲେ । କିନ୍ତୁ ଏଠି ବର୍ଣ୍ଣିତ ବିଷୟଟି ଦ୍ୱାପର ଯୁଗ ପରବର୍ତ୍ତୀ ସମୟର । ସେହିଭଳି ସେ ମ୍ନ ଭଗବାନ ରାମଙ୍କ ପ୍ରେମରୁ ଉଦ୍‌ଭୁଦ ହୋଇ ତିନୋଟି 'ର'କୁ ନିଜର ସାଧାନାର ଜପମାଳି କରିଛନ୍ତି । ଏହି ସକଳ ଭକ୍ତ ମ୍ନରେ ଦସ୍ୟୁ ରତ୍ନାକର ଯେ'କି ମରା ମରା ଜପ କରୁକରୁ ବାଲ୍ମିକି ହୋଇ ରାମାୟଣ ରଚନା କରିପାରିଲେ ଶୁଦ୍ରମୁନି ସାରଳାଦାସ ଭାରତର ମହାକାବ୍ୟ 'ମହାଭାରତ' ରଚନା କଲେ ସେହିଭଳି ତିନୋଟି 'ର'ର ପ୍ରେମରେ ମାତି ମହାସନ୍ଥ ତୁଳସୀ ଦାସ ପ୍ରସିଦ୍ଧ ରାମଚରିତ ମାନସ ଭଳି ଗ୍ରନ୍ଥ ରଚନା କରିପାରିଥିଲେ ।

ରାମୟଣର ଅଭିନବ ପରିପ୍ରକାଶ ଭାବରେ 'ରାମ ଚରିତ ମାନସ'ର ସନ୍ଥାକାର ତୁଳସୀ ଦାସଙ୍କ ନାମ ଗୌରବର ଆଲୋକରେ ଉଦ୍‌ଭାସିତ । ଉ ତ୍ତ ରଭାରତରେ ତାଙ୍କ ଭଳି ଅନ୍ୟ କୌଣସି କବି ସନ୍ଥ ଏତେ ବିଶ୍ୱସ୍ତ ଓ ନିପୁଣ ଭାବେ ଭାରତୀୟ ଚିନ୍ତାଧାରା ଏବଂ ସଂସ୍କୃତିକୁ, ପରମ୍ପରାକୁ ନିଜ ପ୍ରେମର ମତିଷ୍କରୁ ବାହାର କରି ଲେଖା ଭିତରେ ପ୍ରତିଫଳିତ କରିନାହାନ୍ତି ଏବଂ କେହି କେହି ବହୁ ଶତାବ୍ଧୀ ବ୍ୟାପି ଜନଜୀବନର ସାଂସ୍କୃତିକ ଆଗରେ ବିଚାର ଓ ବିବର୍ତ୍ତିତ ଚିନ୍ତାଧାରରେ ଶାଶ୍ୱତ ଚିହ୍ନ ରଖି ଯାଇ ନାହାନ୍ତି । ସନ୍ଥ ତୁଳସୀ ଦାସଙ୍କ ଲେଖା ଧର୍ମଗତ ସଂପ୍ରଦାୟିକତା ବନ୍ଧନରୁ ମୁକ୍ତ, ଗଭୀର ବିଚାର ଶୀଳତା, ଶୁଙ୍ଖଳିତ, ଜୀବନଧାରା, ଜାତିର ସଂଚିତ ଗ୍ୟାଂନ ଉପରେ ପ୍ରତିଷ୍ଠିତ ଏକ ସୁଦୃଢ଼ ପରିଚୟ ପ୍ରଦାନ କରିଥିଲା । ଲୋକମାନଙ୍କର ଜୀବନକୁ ଯେଉଁ ନରୌଶବାଦ ଏବଂ କଳ୍ପନାବାଦର କୁହେଳିକା ଅନ୍ଧକାରଛନ୍ନ କରି ରଖିଥିଲା, ତାକୁ ସେ ନିଜର ସୁସଂଜତ କାର୍ଯ୍ୟ ଦ୍ୱାରା ଦୂରୀଭୂତ କରି ପରିଥିଲେ ଏବଂ ସେମାନଙ୍କୁ ଦେଇଥିଲେ ଗୋଟିଏ ସୁସ୍ଥ ଓ ସୁଦୃଢ଼ ଧର୍ମ ବିଶ୍ୱାସ ଯାହାର ଅର୍ଥ ହେଉଛି ଆଶା, ଆନନ୍ଦ ଓ ପରିପୂର୍ଣ୍ଣତା ।

ସୁକ୍ଷ୍ମ ସୌନ୍ଦର୍ଯ୍ୟ ଗ୍ୟାନ ତୁଳସୀ ଦାସଙ୍କର ବ୍ୟାକ୍ତିତ୍ୱର ଅନ୍ୟତମ ବିଭବ । ତାଙ୍କର ଶ୍ୟାମଳବର୍ଣ୍ଣ

ଦେବତାଙ୍କର ପଦ୍ମନାୟକ ଗୁରୁତ୍ୱ ଦେଇ ଏପରି ସ୍ୱର୍ଗୀୟ ଅନୁଭବରେ ବିଚରଣ କରିଛନ୍ତି । ବିବାହ ସିଂହାସନରେ ବସିଥିବା ବେଳେ ରାମସୀତାଙ୍କର ଚିତ୍ର ଗୁଡ଼ିକ ବିଭିନ୍ନ ଛନ୍ଦରେ ଲିଖିତ ହୋଇ ତାଙ୍କ ରାମାୟଣ ରୂପକ ତନ୍ତର ସୂତାପରି ବିଦ୍ୟମାନ ।

ସନ୍ଥ ତୁଳସୀ ଦାସଙ୍କ ଜୀବନରେ ବହୁ ବାଧା, ବିଘ୍ନ, ପ୍ରତିବନ୍ଧକ ଆସିଛି । ସେ ବାଲ୍ୟଜୀବନରେ ନନୀର, ନତୀର ଅବସ୍ଥାରେ ଥିଲେ । ଯୌବନରେ ତାଙ୍କର ଗୃହ ଭଗ୍ନ ହେଲା ମଧ୍ୟମ ବୟସରେ ସେ ତାଙ୍କ ସମୟର ପଣ୍ଡିତ ମାନଙ୍କ ସରବ୍ୟ ଆକ୍ରମଣର ସମ୍ମୁଖୀନ ହେଲେ । ମନୁଷ୍ୟର ଉନ୍ନତି କରିବାର ଇଛାହିଁ ତାଙ୍କ ଜୀବନର ମାପକାଠି ହୋଇଥିଲା । ସେ ଯେତେଥର ହତାଶ ହୋଇଛନ୍ତି ସେତେଥର ଦୁଇଗୁଣ ଉତ୍ସାହ ସହିତ ନିଜ ଅନ୍ୱେଷଣର ପ୍ରଷ୍ଠାତଧାବନ କରିଛନ୍ତି । ତାଙ୍କରି ଭାଷାରେ 'ରାମ ଭକ୍ତି ବହୁ କଷ୍ଟକର ବ୍ୟାପାର' ଏବଂ ରାମ ରସର ରସିକ ହେବା କେବଳ ସେଇମାନଙ୍କୁ ମିଳିଥାଏ ଯେଉଁମାନେ ରାମଙ୍କ ଦ୍ୱାରା ତିଆରି କରାଯାଇ ପଥରକୁ ସେତୁ ପଥର ପଥିକ ।

ଜଣେ ସନ୍ଥ କପରି ତିନୋଟି 'ର'ର ପ୍ରେମିକ ଭାବେ କାର୍ଯ୍ୟ ସମ୍ପାଦିତ କରିପାରିଛନ୍ତି ତାହାହିଁ ବିଷୟର ମୁଖ୍ୟ ଭାବେ ପ୍ରତିଫଳିତ କରାଯିବ ସହିତ ସେହି ସନ୍ଥଙ୍କ ଜିବନ କାର୍ଯ୍ୟରେ ଆଲୋକରୁଚ କିଂଚିତ ବର୍ଣ୍ଣନାନୀୟ ।

୧୫୮୯ ବା ୧୫୩୨ ଖ୍ରୀଷ୍ଟାବ୍ଦରେ ଉ ତ୍ତ ର ପ୍ରଦେଶର ବାନ୍ଦା ଜିଲ୍ଲାର ରାଜପୁର ଠାରେ ତୁଳସୀ ଦାସ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ଜନ୍ମ ସ୍ଥାନ ଓ ତାରିଖକୁ ନେଇ ନାନା ମତ ରହିଛି । ସେଥିମ୍ଭରୁ ଏହି ମତକୁ ସର୍ବସମ୍ମତ ଭାବେ ଗ୍ରହଣ କରାଯାଇଛି । ସନ୍ଥ ତୁଳସୀ ଦାସ ଜଣେ ବ୍ରାହ୍ମଣ ଘରେ ଜନ୍ମ ଲାଭ କରିଥିଲେ । ତାଙ୍କୁ ସଂସ୍କୃତ ରାମାୟଣର ରଚିୟତା ବାଲ୍ମିକଙ୍କର ଅବତାର ଭାବେ ଗ୍ରହଣ କରାଯାଇଛି । ତାଙ୍କ ପିତା ଥିଲେ ଆଶାରାମ ଶୁକ୍ଳା ଦୁବେ ଏବଂ ମାତା ଥିଲେ ହୁଲସୀ । ତୁଳସୀ ଦାସ ଜନ୍ମ ସମୟରେ କ୍ରନ୍ଦନ କରିନଥିଲେ ଏବଂ ତାଙ୍କର ସମସ୍ତ ଦାନ୍ତ ପୁଷ୍ଟ ଭାବରେ ବିକଶିତ ଥିଲା । ଯାହା ପାଇଁ ସେ ଦିନେ ବଡ ପଣ୍ଡିତ ହୋଇ ପାରିବା ବୋଲି ପଣ୍ଡିତ ମାନେ ମତ ଦେଇଥିଲେ । ବାଲ୍ୟ କାଳରେ ତାଙ୍କୁ ତୁଳସୀରାମ, ରାମବୋଲା ନାମରେ ସମ୍ବୋଧିତ କରାଯାଉଥିଲା । ତୁଳସୀଦାସଙ୍କ ପତ୍ନୀ ଥିଲେ ରତ୍ନାବଳୀ ଦେବୀ (ବୁଦ୍ଧିମତୀ) । ତୁଳସୀ ଦାସ ତାଙ୍କ ପତ୍ନୀଙ୍କ ପ୍ରତି ବେଶ୍ ଆସକ୍ତି ଥିଲେ । ସେ ତାଙ୍କ ଠାରୁ ଗୋଟିଏ ଦିନର ବିରହ ସହ୍ୟ କରିପାରୁ ନଥିଲେ । ଦିନେ ରତ୍ନାବଳୀ ତାଙ୍କ ପତିଙ୍କୁ ନଜଣାଇ ପିତ୍ରାଳୟ ଗମନ କଲେ । ଶ୍ୱଶୁର ଘରେ ପଂହଚି ତୁଳସୀ ଦାସ ତାଙ୍କ ପତ୍ନୀଙ୍କୁ ରାତ୍ରୀରେ ଏକାନ୍ତରେ ଭେଟିବାକୁ ଚାହିଁଲେ । ଏହା ରତ୍ନାବଳୀଙ୍କୁ ଘୋର ଲଜ୍ଜିତ କଲା । ସେ ତୁଳସୀ ଦାସକୁ କହିଲେ '' ରକ୍ତ ମାଂସରେ ଗଢ଼ା ମୋର ଏହି ଶରୀର ପୁଣି ତା ପ୍ରତି ତୁମାର ଏତେ ଆସକ୍ତି ! ମୋର ଏହି ନାରକୀୟ ଶରୀର ପ୍ରତି ତୁମେ ଯେତିକ ଶ୍ରଦ୍ଧା ପ୍ରଦର୍ଶନ କରୁଛ, ତାର ଅର୍ଦ୍ଧେକ ଭାଗ ଭକ୍ତି ଯଦି ପ୍ରଭୁ ରାମଙ୍କ ପ୍ରତି ନିବେଦନ କରିପାରନ୍ତ, ତେବେ ତୁମେ ଏହି ଭବସାଗରରୁ ପାରି ହୋଇପାରନ୍ତ ଏବଂ ଅମରତ୍ୱ ଓ ଶାଶ୍ୱତ ଲାଭ କରନ୍ତ ।'' ଏହି ଶବ୍ଦ ଗୁଡିକ ତୁଳସୀଦାସଙ୍କ ହୃଦୟକୁ ତୀର ସଦୃତ ବିଦ୍ଧ କଲା । ସେ ସେଠାରେ ଆଉ କ୍ଷଣ ଟିଏ ନରହି ଗୃହ ତ୍ୟାଗ କରି ବୈରାଗୀ ହୋଇଗଲେ । ଏପରି ଭାବରେ ସେ ୧୪ ବର୍ଷକାଳବିଭିନ୍ନ ତ୍ରୀଥସ୍ଥଳୀ ଓ ପବିତ୍ର ସ୍ଥାନ ଭ୍ରମଣରେ ବିତାଇଲେ । ଥରେ ସେ ଶୌଚ କର୍ମ ସାରି ଗଡୁରେ ଥିବା ଅବଶିଷ୍ଟ ଜଳକୁ ଏକ ବୃକ୍ଷ ମୂଳରେ ଢ଼ାଳିଦେଲେ । ସେହି ବୃକ୍ଷରେ ଏକ ଆତ୍ମା ବାସ କରୁଥିଲା । ସେ ତୁଳସୀଦାସଙ୍କ ଉପରେ ପ୍ରସନ୍ନ ହୋଇ ତାଙ୍କୁ କହିଲା 'ହେ ମାନବ ! ମୋ

ପାଖରୁ ଏକ ବର ମାଗି ନିଅ ।' ତୁଳସୀ ଦାସ କହିଲେ ''ମତେ ପ୍ରଭୁ ରାମଙ୍କ ସହିତ ଭେଟ କରାଇଦିଅ'' । ଏଭଳି ବର ମାଗିବା ଦେଖି ଆତ୍ମା ଆର୍ଶଯ୍ୟ ହୋଇ ପରାମର୍ଶ ଦେଲେ ତୁମେ ହନୁମାନ ମନ୍ଦିର ଯାଅ । ସେଠାକୁ ପ୍ରତିଦିନ ହନୁମାନ ଏକ କୃଷ୍ଟ ରୋଗୀ ରୂପରେ ଆସି ରାମାୟଣର ଶ୍ରୋତା ହୁଅନ୍ତି । ସେ ପ୍ରଥମେ ଆସି ଶେଷରେ ସ୍ଥାନ ପରିତ୍ୟାଗ କରନ୍ତି । ତୁମେ ତାଙ୍କ ଶରଣ ନିଅ । ସେ ତୁମକୁ ସାହାର୍ଯ୍ୟ କରିବେ । ସେହିଭଳି ଭାବରେ ତୁଳସୀ ଦାସ ହନୁମାନଙ୍କୁ ସାକ୍ଷାତ କଲେ ତାଙ୍କ କୃପା ଲାଭ କରିବା ମାଧମରେ ପ୍ରଭୃ ରାମଙ୍କୁ ଦର୍ଶନ ଲାଭ କଲେ ।

ତୁଳସୀ ଦାସ ମୋଟ ଉପରେ ୧୨ ଖଣ୍ଡ ପୁସ୍ତକ ରଚନା କରିଛନ୍ତି । ତାଙ୍କର ସବୁଠାରୁ ପ୍ରସିଦ୍ଧ କାବ୍ୟ ହେଉଛି 'ରାମ ଚରିତ ମାନସ' । ଏହା ସେ ହନୁମାନଙ୍କ ପ୍ରତ୍ୟକ୍ଷ ନିର୍ଦ୍ଧେଶ କ୍ରମେ ରଚନା କରିଥିଲେ । ଉତର ପ୍ରଦେଶ ପ୍ରତ୍ୟକ ହିନ୍ଦୁ ଗୃହରେ ଏହି ରାମାୟଣକୁ ଗଭୀର ଭକ୍ତି ସହକାରେ ପୁଜାପାଠ କରାଯାଏ । ଏହା ଏକ ପ୍ରେରଣା ଦାୟକ ଗ୍ରନ୍ଥ । ଅଭିନବ ଛନ୍ଦରେ ସଜ୍ଜିତ ଲଳିତ ପଦାବଳୀ ଏକ ଅପୂର୍ବ ସମାହାର ଅଟେ । ତୁଳସୀ ଦାସଙ୍କ ଅତ୍ୟତମ ପ୍ରସିଦ୍ଧ ଗ୍ରନ୍ଥ ହେଉଛି 'ବିନୟ ପତ୍ରିକା' ।

ଏହିଭଳି କ୍ରମେ ଦିନେ ତୁଳସୀ ଦାସଙ୍କ ଆଶ୍ରମରେ କେତେ ଜଣ ଚୋର ପଶି ମୁଲ୍ୟାବନ ଜିନିଷ ଚୋରି କରିବାକୁ ଉଦ୍ୟମ କରୁଥିବା ବେଳେ ଦେଖିଲେ କେହି ଜଣେ ଶ୍ୟମଳ ବର୍ଣ୍ଣର ଉଜ୍ଜଳ ପୁରୁଷ ହାତରେ ଧନୁତୀର ଧରି ଦ୍ୱାର ପାଖରେ ପ୍ରହରା ଦେଉଛି । ସେମାନେ ଯେଉଁ ଦିଗରେ ଗଲେ ସେ ପ୍ରହରୀ ଜଣଙ୍କ ତାଙ୍କୁ ଅନୁସରଣ କଲେ । ସେମାନେ ଅତ୍ୟନ୍ତ ଭୟଭୀତ ହୋଇ ପଡିଲେ । ତାହା ପରଦିନ ପ୍ରଭାତରେ ସେମାନେ ତୁଳସୀ ଦାସଙ୍କ ସମୀପରେ ଉପସ୍ଥିତ ହୋଇ ଜଣାଇଲେ ' ହେ ସାଧୁ ମହାତ୍ମା ! ଅପାଣଙ୍କ ବାସ ଗୃହ ସମ୍ମୁଖରେ ଜଣେ ଶ୍ୟାମଳ ବର୍ଣ୍ଣର ପୁରୁଷ ହାତରେ ଧନୁତୀର ଧରି ଜଗି ରହିଥିବାରୁ ଦେଖିଲୁ । କିଏ ସେହି ଲୋକ ଜଣଙ୍କ ? ତୁଳସୀ ଦାସ ଏହା ଶୁଣି ସ୍ତବ୍ଧ ହୋଇଗଲେ । ତାଙ୍କ ନୟନରୁ ଅଶ୍ରୁଧାରା ବହି ଆସିଲା । ସେ ଜାଣି ପରିଲେ ଯେ ପ୍ରଭୁ ଶ୍ରୀରାମ ସଂୟ ଉପସ୍ଥିତ ହୋଇ ଅସୀମ କଷ୍ଟ କରି ତାଙ୍କ ମୂଲ୍ୟବାନ ଦ୍ରବ୍ୟର ସୁରକ୍ଷା କରୁଛନ୍ତି । ସେ ତତକ୍ଷଣାତ ତାଙ୍କର ସମସ୍ତ ସମ୍ପଦ ଦରିଦ୍ରମାନଙ୍କ ମ୍ନରେ ବଂଟନ କରିଦେଲେ । ତୁଳସୀ ଦାସ ଅଯୋ୍ଧାରେ କିଛି କାଳ ବାସ କରିଥିଲେ । ତା ପରେ ସେ ବାରଣାସୀ ଚାଲିଗଲେ । ଦିନେ ଜଣେ ହତ୍ୟାକରୀ ତାଙ୍କ ନିକଟକୁ ଆସି ଚିତ୍କାର କଲା ''ପ୍ରଭୁ ରାମଙ୍କ ନାମରେ କିଛି ଭିକ୍ଷା ପ୍ରଦାନ କର ମୁ ଜଣେ ନରହନ୍ତା'' । ତୁଳସୀ ଦାସ ତାଙ୍କୁ ନିଜ କୁଟିର ଭିତରକୁ ନେଇ ରାମଙ୍କ ପାଖରେ ଲଗାଇଥିବା ଭୋଗ ନୈବେଦ୍ୟ ଖାଇବାକୁ ଦେଲେ ଏବଂ ଘୋଷଣା କଲେ ସେହି ହତ୍ୟାକରୀ ଜଣଙ୍କ ପାପ ମୁକ୍ତ ହୋଇଛି । ବାରଣାସୀର ବ୍ରାହ୍ମଣ ମାନେ ଏହାର ପ୍ରତିବାଦ ଜଣାଇ କହିଲେ ଜଣେ ହତ୍ୟାକରୀର ପାପ କିପରି ବା କ୍ଷୟ ହୋଇପାରିବ ? ତୁମେ ତା ସହିତ ଏକତ୍ର ଭୋଜନ କରିପାରିବ କିପରି ? ଯଦି ପ୍ରଭୁ ସଦାଶିବଙ୍କ ବାହାନ ପବିତ୍ର ନନ୍ଦୀ ବୃଷଭ ତାଙ୍କ ହାତରୁ ଖାଦ୍ୟ ଗ୍ରହଣ କରନ୍ତି ତେବେ ଆମ୍ଭେ ମାନେ ବିଶ୍ୱାସ କରିବୁ ସେହି ବ୍ୟାକ୍ତି ଜଣଙ୍କ ପବିତ୍ର ହୋଇଛନ୍ତି । ତାପରେ ସେ ହତ୍ୟାକରୀ ଜଣଙ୍କୁ ଏକ ମନ୍ଦିର ପାଖକୁ ନିଆଗଲା । ସେଠାରେ ତା ହାତରୁ ନନ୍ଦି ଖାଦ୍ୟ ଗ୍ରହଣ କଲେ ଏହା ଦେଖି ସମସ୍ତ ବ୍ରାହ୍ମଣ ଲଜ୍ଜାବଶତଃ ସେ ସ୍ଥାନ ପରିତ୍ୟାଗ କଲେ ।

ଅନ୍ୟ ଦିନେ ତୁଳସୀ ଦାସ ବୃନ୍ଦାବନ ଯାଇଥିଲେ । ସେ ସେଠାରେ ମନ୍ଦିରକୁ ଯାଇ ପ୍ରଭୃ ଶ୍ରୀକୃଷ୍ଣଙ୍କ ଦର୍ଶନ କଲେ । ଶ୍ରୀକୃଷ୍ଣଙ୍କର ପ୍ରତିମା ଦେଖି ତାଙ୍କର ସତଃସ୍ଫୂର୍ତ ଅଭିବ୍ୟକ୍ତି ଥଲା ''ହେ ପ୍ରଭୁ! ତୁମେ

ରୂପମାଧୁରୀର ମୁଁ ଅବା କି ବର୍ଣ୍ଣନା କରି ପାରିବି । କିନ୍ତୁ ତୁଳସୀ ଦାସ ଯେତେବେଳ ମଥା ନୋଇଁବ ସେତେବେଳ ତୁମେ କୋଦଣ୍ଡ ଧାରଣ କରିବ । ଭକ୍ତର ନିବେଦନ ରକ୍ଷା କରି କୋଦଣ୍ଡ ଧାରଣ ପୂର୍ବକ ଦର୍ଶନ ଦେଲେ ।

ତୁଳସୀ ଦାସଙ୍କ ଆର୍ଶୀବାଦରୁ ଜଣେ ଦରିଦ୍ର ମହିଳାଙ୍କ ମୃତ ପତି ଜୀବନଫେରିପାଇଲେ । ତୁଳସୀ ଦାସଙ୍କ ଏହି ମହିମା ସମ୍ପର୍କରେ ଦିଲ୍ଲୀର ମୋଗଲ ସମ୍ରାଟ ଶୁଣିବାକୁ ପାଇଲେ । ସେ ତୁଳସୀ ଦାସଙ୍କୁ ଡକାଇ ପଠାଇଲେ । ତୁଳସୀ ଦାସ ଦରବାରରେ ଉପସ୍ଥିତ ହେଲେ । ସମ୍ରାଟ ତୁଳସୀ ଦାସଙ୍କୁ ଦରବାରରେ କିଛି ଚମ୍ତ୍କାର ଦେଖାଇବାକୁ କହିଲେ । ତୁଳସୀ ଦାସ କହିଲେ ମୋ ପାଖରେ କିଛି ଚମ୍ତ୍କାର ନାହିଁ । କେବଳ ପ୍ରଭୁ ରାମଙ୍କ ନାମ ମତେ ଜଣାଅଛି । ଏଭଳି ଶୁଣି ସମ୍ରାଟ ତାଙ୍କୁ କାରାଗାରାରେ ବନ୍ଦୀ କରିବା ପାଇଁ ଆଦେଶ ଦେଲେ । ତୁଳସୀଦାସ ହନୁମାନଙ୍କ ପ୍ରାର୍ଥନା କଲେ । ତତ୍‌କ୍ଷଣେତ୍ ଅଂସଖ୍ୟା ସଂଖ୍ୟାରେ ଶକ୍ତିଶାଳୀ ଓ ପରାକ୍ରମୀ ମାଙ୍କଡ ଚାହୁଁ ଚାହୁଁ ରାଜ ଦରବାରରେ ପ୍ରବେଶ କଲେ । ଏହା ଦେଖି ସ୍ରମାଟ ଭୟଭୀତ ହୋଇପଡିଲେ ଏବଂ ସାଧୁଙ୍କ ଗୋଡତଳେ ପଡି କ୍ଷମା ପ୍ରାର୍ଥନା କରିବା ସହିତ ସଙ୍ଗେ ସଙ୍ଗେ ତାଙ୍କୁ ମୁକ୍ତ ବୋଲି ଘୋଷଣା କଲେ ।

ବାରଣାସୀ ଅର୍ଦ୍ଧଘାଟ ଠାରେ ୧୬୨୩ ଖ୍ରୀଷ୍ଟାବ୍ଦରେ ଏକାନବେ ବର୍ଷ ବୟସରେ ତୁଳସୀ ଦାସ ତାଙ୍କ ଶରୀର ତ୍ୟାଗ କରି ଅମରତ୍ୱ ଓ ଶାଶ୍ୱତ ପଥର ଯାତ୍ରୀ ହେଲେ । କିନ୍ତୁ ତାଙ୍କ ପରିବେଷିତ ରାମ ରସର ରସିକ ବା ତିନୋଟି 'ର'ର ପ୍ରେମିକ ଆଜିବି ମନ୍ଦାକିନୀ ଧାରା ଭଳି ଭକ୍ତ ମାନସରେ ଚିରକାଳ ପାଇଁ ସଂଜୀବିତ ହୋଇ ରହିଯାଇଛି ।

ମୋ-୯୪୩୭୮୧୯୭୩୫
ଗ୍ରାମ- କଦଳା, ହରିଦାସପୁର, ଧର୍ମଶାଳା,
ଯାଜପୁର ୭୫୫୦୨୪
ଗବେଷକ, ପ୍ରତ୍ନତତ୍ତ୍ୱ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର

# ରୋଗକୁ ଘୃଣା କର, ରୋଗୀକୁ ନୁହେଁ

ବନଲତା ସିଂହ

ବୋଧପୁର ବୋଲି ଗୋଟିଏ ଛୋଟିଆ ଗାଁ । ରଘୁ ଦାସ ସେହି ଗାଁର ବାସିନ୍ଦା । ତା'ର ଦୁଇଝିଅ, ବଡ଼ ଝିଅ କୁନି ଓ ସାନ ଝିଅ ସୁନି । ଦୁଇଟି ଝିଅ ଭାରି ସୁନ୍ଦରୀ । ରଘୁ ଦାସ ଦିନ ମଜୁରିଆ, ପର ବିଲ ବାଡ଼ିରେ କାମ କରି ପଇସା ରୋଜଗାର କରେ । ତା'ର ଗୋଟିଏ ଟ୍ରଲି ରିକ୍ସା ଅଛି, ଯେତେବେଳେ କିଛି କାମ ମିଳେନି ସେ ଟ୍ରଲି ରିକ୍ସା ନେଇ ପାଖ ହାଟକୁ ଚାଲିଯାଏ । ସେଥିରୁ ମଧ କିଛି ରୋଜଗାର କରେ, ସୁଖେ ଦୁଃଖେ ରଘୁ ଦାସ ଓ ତା'ର ସ୍ତ୍ରୀ ସୀତା ଆଉ ଦୁଇଟି ଝିଅକୁ ନେଇ ତା'ର ସଂସାର ଚଳେଇ ଥାଏ । ଖତ ଗଦାରେ ପଦ୍ମ ଫୁଟିଲା ପରି ଗରୀବ ଘରେ ଦୁଇଟି ସୁନ୍ଦରୀ ଝିଅ । ଯେପରି ଭଗବାନଙ୍କର ଦାନ ବୋଲି ସମସ୍ତେ କହନ୍ତି । ଗାଁ ସ୍କୁଲ୍‌ରେ ଦୁଇ ଭଉଣୀ ପାଠ ପଢ଼ନ୍ତି, ଦୁହେଁ ଧିରେ ଧିରେ ବଡ଼ ହେଉ ଥାଆନ୍ତି । ଥଟ୍ଟାଳିଆ ଲୋକ ରଘୁକୁ କୁହନ୍ତି, ତୁ ଝିଅ ପାଇଁ ଚିନ୍ତା କର ନା, ତୋ ଝିଅକୁ ବାହା ହେବା ପାଇଁ ରାଜ କୁମାର ମାନେ ଧାଡ଼ି ବାନ୍ଧିବେ । ରଘୁ ସ୍ତ୍ରୀ ଭଗବାନଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ି କହେ ସବୁ ପ୍ରଭୁଙ୍କ ଇଚ୍ଛା ।

ଆଉ ଗାଁ'ର ଭରତ ସାହୁର ପୁଅ ନବଘନ, ଗୋଟିଏ ପୁଅ, ଭାରି ଗେହ୍ଲା । କାଉକୁ ଯଦି ବଗ କହେ, ସେଥିରେ ସମସ୍ତେ ହଁ ମାରିଲେ ଭଲ, ନଚେତ୍ ଦୁନିଆ ଟା ପ୍ରଳୟ ହୋଇଯିବ । ପାଠ ଶାଠରେ ମଧମ, କିନ୍ତୁ ଟାଉଟରରେ ଜଗତ ଜିତା । ଭରତ ସାହୁର ଚଳିବା ଭଲ, ପାଖ ଚାରିଖଣ୍ଡି ଗାଁରେ ଭଲ ନାଁ ଅଛି । ରଜ ସମୟ, ବୋଧପୁର ଗାଁରେ ଅପେରା ଆସିଛି ବୋଲି, ଡାକବାଜି ଯନ୍ତ୍ରରେ ପ୍ରଚାର ହେଲା । ନବଘନ ତା' ସାଙ୍ଗ ସାଥୀଙ୍କୁ ଧରି ଅପେରା ଦେଖିବାକୁ ଗଲା । ଯେଉଁଠାରେ ନାଟ ହେଉଥିଲା ସେହି ପାଖରେ ରଘୁ ଦାସ ଘର । ଦୁଇ ଭଉଣୀ ସଜବାଜ ହୋଇ ନାଟ ଦେଖିବାକୁ ବାହରିଲେ । ହଠାତ୍ କେହିଜଣେ ଯୁବକ ପାଣି ମାଗିଲା ପିଇବାକୁ, କୁନି ତା'ବୋଉକୁ କହିଲା... ବୋଉଲୋ ଜଣେ ପିଇବାକୁ ପାଣି ମାଗୁଛନ୍ତି । ସୀତା ଦେଇ କହିଲା... ପାଣି ମାଗୁଛନ୍ତି ପାଣି ଦେଉନୁ, ଶୋଷିଲା ଲୋକଙ୍କୁ ପାଣି ଦେଲେ ଧର୍ମ ହେବ । ସେଦିନ ପରା ଆମ ଗାଁକୁ ଦଳେ ଲୋକ ଆସି ଆମେ ସବୁ ଗୋଟିଏ ପରିବାର । ବସୁଧୈବ କୁଟୁମ୍ବକମ୍ କହି ବୁଝାଉ ଥିଲେ । ତୁ କ'ଣ ଶୁଣିନୁ ? ଆମ ଗାଁରେ କେତେ ସଭା ହେଉଛି । ସେଦିନ ପ୍ରାଚୀ ଅନୁଷ୍ଠାନ ଆସି କହୁନଥିଲେ ! ଶୋଷିଲା, ଭୋକିଲା, ରୋଗୀଣା, ଦୁଃଖି, ରଙ୍କି ଆମେ ସମସ୍ତଙ୍କର ଯତ୍ନ ନେବା । ସେ ଜନ, ଜନ୍ତୁ, ଜଳ, ଜଙ୍ଗଲ ଯାହା ହୁଅନ୍ତୁ, ଆମେ ସମସ୍ତଙ୍କ ପ୍ରତି ସମ୍ବେଦନ ଶୀଳ ହେବା ଆବଶ୍ୟକ ଏଣୁ.... ପାଣି ଦେବୁ ଯା....। କୁନି ପାଣି ନେଇ ନବଘନକୁ ଦେବ ବୋଲି ପାଣି ଗିଲାସ ଧରି କହିଲା, ବାବୁ.... ପାଣି ନିଅ ।

ପାଣି ଗିଲାସ ହାତରୁ ନେଉ ନେଉ ନବଘନ କୁନିକୁ ଦେଖି ତା' ଆଖି ଲାଖିଗଲା । ସେ ପାଣି ପାଟିକୁ ନେବା ପରିବେର୍ତ୍ତେ ନିଜ ସାର୍ଟରେ ଅଜାଣତରେ ଢ଼ାଳି ଦେଲା । ସେ ସ୍ଥାଣୁ ପାଲଟିଗଲା, ଏ ଦୃଶ୍ୟ ଦେଖି କୁନି ଭୟରେ ଘରକୁ ଯାଇ ବୋଉକୁ ସବୁ କଥା କହିଲା । ତା' ବୋଉ ଆସି ଦେଖେତ ସତରେ ନବଘନ ସେମିତି ଠିଆ ହୋଇଛି । ସୀତା ଦେଇ ତାକୁ ହଲାଇ ଦେଇ ଡାକିଲା... ଏ ପୁଅ ପାଣି ମାଗିଲ... ପିଇଲନି କାହିଁକି ? ସତରେ ତୁମକୁ ଶୋଷ ଲାଗୁଥିଲା ? ଏ କଥା ଶୁଣି ନବଘନ ଚମକି ପଡ଼ି ଲାଜରେ ସାଙ୍ଗମାନଙ୍କ ପାଖକୁ

ଦଉଡ଼ି ପଳାଇଲା, ବସି ନାଟ ଦେଖିଲା । ତାକୁ ସବୁ ହିରୋଇନ୍ କୁନି ପରି ଦେଖା ହେଉଥାଆନ୍ତି । ସେ ମାନସିକ ଯନ୍ତ୍ରଣାରେ ରାତି ପୁହାଇ ଘରକୁ ଚାଲି ଆସିଲା । ଆଉ ସୁବିଧା ଦେଖି ତା ବୋଉକୁ କହିଲା... ବୋଧପୁରର ରଘୁ ଦାସର ଝିଅ କୁନିକୁ ମୁଁ ବାହାହେବି । ତା'ବୋଉ ପୁଅର ଏ ଅବସ୍ଥା ଦେଖି ଆଶ୍ଚର୍ଯ୍ୟ ହେଲେ ଓ କହିଲେ ହଉ ଠିକ୍ ଅଛି । ମୁଁ ବୁଝା ବୁଝି କରି ତୋ ବାପାଙ୍କୁ ଏ ବିଷୟରେ କହିବି ।

ପୁଅର ଅସ୍ଥିରତା ଦେଖି ବୋଉ ତା ବାପାଙ୍କୁ ସବୁ କଥା କହିଲା, ବାପା ପଚାରି ବୁଝିଲେ ଯେ ବୋଧପୁର ଗାଁର ରଘୁ ଦାସ ଜଣେ ଦିନ ମଜୁରିଆ । ଆଉ ଟଲିବାଲା । ଏ କଥା ଶୁଣି ତାଙ୍କ ରାଗ ପୁରା ପଞ୍ଚମକୁ ଉଠିଗଲା । ସେ ଆସି ନବଘନ ବୋଉକୁ କହିଲେ... ମୁଁ ମରିଯିବି ପଛେ ସେ ଟ୍ରଲିବାଲା ଝିଅକୁ ମୋ ପୁଅ ସାଥୀରେ ବାହା ଦେବିନି । ପୁଅ ମଧ କହିଲା.... ମୁଁ ଯଦି ତାକୁ ବାହା ହେବିନି ଏ ଜୀବନ ଆଉ ରଖିବିନି । ଗୋଟିଏ ବୋଲି ପୁଅ, ତା'ର ଏ ପ୍ରକାର ଦୃଢ଼ୋକ୍ତି ଶୁଣି ବାପା ତା'ର ସମସ୍ତ ଖର୍ଚ୍ଚ ବହନ କରି କୁନିକୁ ଘରକୁ ବୋହୂ କରି ଆଣିଲେ । ଶାଶୁ, ଶଶୁର, ସ୍ୱାମୀଙ୍କର ସେବା କରି କୁନିର ଦିନଗୁଡ଼ିକ ବହୁତ ଆନନ୍ଦରେ କଟିଗଲା, କିନ୍ତୁ ଅଦିନିଆ ଝଡ଼ ଆସି ତା ଜୀବନକୁ ଧ୍ୱସ୍ତ ବିଧ୍ୱସ୍ତ କରି ଦେଲା । ତା'ସୁନ୍ଦର ରୂପରେ ଗ୍ରହର ମାଡ଼ି ଆସିଲା ।

କୁନି ହଠାତ୍ ରୋଗାକ୍ରାନ୍ତ ହୋଇଗଲା । ଡାକ୍ତର ପରୀକ୍ଷା ସରିଲା ପରେ ଜଣା ପଡ଼ିଲା ତାକୁ ସ୍ତନ କର୍କଟ ହୋଇଛି । ଅପରେସନ ନିହାତି ଦରକାର । ସେଥିପାଇଁ ବହୁତ ଧନ ଦରକାର, ରୂପ ଗ୍ରାହ୍ୟ ନବଘନର ହଠାତ୍ ପରିବର୍ତ୍ତନ । ସେ ତା'ର ହିତାହିତ ଜ୍ଞାନ ହରାଇ ନୃଶଂସ ପାଲଟିଗଲା । ସେ କୁନିକୁ ଘୃଣା କରିବାକୁ ଲାଗିଲା । ନାନା ପ୍ରକାର ନିର୍ଯ୍ୟାତନା ଦେଇ କହିଲା.... ତୁ ମୋ ଘରୁ ବାହାରିଯା । ମୁଁ ଆଉ ଗୋଟିଏ ବାହାହେବି, ତୋ ପିଛା ଗୋଟିଏ ପଇସା ଖର୍ଚ୍ଚ କରିବିନି । କୁନି ଶାଶୁ, ଶଶୁର, ସ୍ୱାମୀର ଗୋଡ଼ ଧରି ଯେତେ କାକୁତି ମିନତି ହେଲା, ତା'କଥାକୁ କେହି ଶୁଣିଲେନି । ରଘୁ ଦାସକୁ ଡାକି କହିଲେ ଏପରି ରୋଗୀଣା ଝିଅକୁ ତୁ ଜାଣିଶୁଣି ବାହାଘର କରିଛୁ । ସେ ସବୁ ତୁ ତୁରନ୍ତ ଫେରସ୍ତ କରି ତୋ ଝିଅକୁ ସାଙ୍ଗରେ ନେଇଯା । କାରଣ ତା' ପାଇଁ ଆମଘରେ ଆଉ କାହାକୁ ଏ ରୋଗ ହେଉ.... ତାହା ଆମେ ଚାହୁଁନା ।

ଗରୀବ ରଘୁଦାସର ଧନ ସିନା ନାହିଁ କିନ୍ତୁ ଇଜ୍ଜତ ଅଛି କିନ୍ତୁ ସେ ଇଜ୍ଜତକୁ କେହି ଦେଖେନା କି ତା ମୂଲ୍ୟ ବୁଝେନା, କାରଣ ଗରୀବର ଇଜ୍ଜତ୍ ଟା ବି ଗରୀବ । ସେ ଯେତେ ପ୍ରକାର ଆପତ୍ତି କଲା ତା କଥାକୁ କେହି ଶୁଣିଲେନି । ସେ ଶେଷରେ କାନ୍ଦି କାନ୍ଦି କହିଲା..... ତୁମ ପୁଅକୁ ଯେବେ ଏ ରୋଗ ହୋଇଥାଆନ୍ତା..... ତେବେ ମୋ ଝିଅ ଆଦୌ ଛାଡ଼ି ଯାଇ ନଥାଆନ୍ତା । ଭିକ ମାଗି ଏ ରୋଗ ଭଲ କରିବାକୁ ଚେଷ୍ଟା କରିଥାଆନ୍ତା, କହି କୁନିକୁ ନେଇ ଘରକୁ ଚାଲି ଆସିଲା ।

ହେ ! ଜଗନ୍ନାଥ... ଏ ବିଜ୍ଞାନ ଯୁଗରେ କର୍କଟ ରୋଗ ଗୋଟିଏ ଆସାଧ ବ୍ୟୟ ବହୁଳ ରୋଗ ହେଲେ ମଧ ସେ ଛୁଆଁ ନୁହେଁ କି ଡିଆଁ ନୁହେଁ । ରଘୁ ଦାସ ଭିକ୍ଷା କରି ଝିଅର ଚିକିତ୍ସା କରିବାକୁ ଆଗେଇ ଆସିଛି, ଶାଶୁ ଘରେ ସିନା ପରଝିଅ, କିନ୍ତୁ ସେ ତା'ର ନିଜ ଝିଅ । ମରିଗଲେ ପୋଡି ଦେବ ସିନା, ଜୀବନ୍ତ ରେ ଅବହେଳା କରିପାରିବିନି । ବଦାନ୍ୟ ଦରଦୀ ଲୋକ ମଧ ସାହାଯ୍ୟର ହାତ ବଢ଼ାଇବାକୁ ଆଗେଇ ଆସିଛନ୍ତି । ଆହେ ସୁଜନେ ରୋଗକୁ ଘୃଣା କର, ରୋଗୀକୁ ନୁହେଁ, ନ ହେଲେ ଆମେ ବସୁଧୈବ କୁଟୁମ୍ବକମ୍ କିପରି କହି ପାରିବା ?

ଗଣ୍ଡରପୁର, କଟକ

ମୋ : ୮୭୬୩୯୬୬୧୦୩

୦୦୦

# ଲଟେରୀ

**ଡ. ବିଦ୍ୟୁତ୍‌ପ୍ରଭା ମିଶ୍ର**

ଆଶା ଏକ ବୈତରଣୀ ନଦୀ । ଆଗକୁ ମାଡେ ସିନା ପଛକୁ କେବେ ଫେରି ଆସେନି । ବରଂ ଏହି ନଦୀର ଉତ୍ତାଳ ତରଙ୍ଗ ମଲା ମଣିଷକୁ କାବୁ କରିଦିଏ, ଭସେଇ ଦିଏ ତା'ର ପ୍ରଖର ସ୍ରୋତରେ । ଆଶା କରିବା ନିଷ୍ପ୍ରୟୋଜନ ନୁହେଁ, କିନ୍ତୁ ଏହି ଆଶା ଯେତେବେଳେ ଅତିରିକ୍ତ ହୁଏ ଏହା ମଣିଷକୁ ସୁଖ ପରିବର୍ତ୍ତେ ଦୁଃଖ ଦିଏ, ଜନ୍ମ ପରିବର୍ତ୍ତେ ମୃତ୍ୟୁ ହୁଏ ।

ଟିକେଟ, ଟିକେଟ, ଟିକେଟ । ସମସ୍ତଙ୍କ ମୁହଁରେ ସେହି ଗୋଟିଏ ଶବ୍ଦ । ମୋତେ ଟିକେଟ ଦିଅ । ମୋତେ ଟିକେଟ ଦିଅ । ଲଟେରି ଟିକେଟ କିଣି ଭାଗ୍ୟ ବଦଳାଇବା ସତେ ଯେମିତି ପ୍ରତ୍ୟେକ ମନୁଷ୍ୟର ଗୋଟେ ବଦଭ୍ୟାସ । ପାଞ୍ଚ ଟଙ୍କାର ଲଟେରି ଟିକେଟ କିଣି ଯଦି ପାଞ୍ଚ ଲକ୍ଷ ଟଙ୍କା ଜିତି ହୋଇଯାଏ ତେବେ ଖରାପ ବା କ'ଣ ? ସେଦିନ ଲଟେରି ଟିକେଟ କିଣିବା ଜାଗାରେ ପ୍ରବଳ ଗହଳି ହୋଇଥିଲା । ତଥାପି ଗହଳି ନମାନି ଭିତରେ ପଶିଲା ସନିଆଁ । ଆଜି ରିକ୍ସା ଟାଣି ଅଧିକା ରୋଜଗାର ହୋଇଛି । ଘର ପାଇଁ ସବୁ ଜିନିଷ କିଣି ସାରିଲା ପରେ ତା' ପାଖରେ ଆହୁରି ପାଞ୍ଚ ଟଙ୍କା ବଳିପଡ଼ିଛି । ସେହି ପାଞ୍ଚ ଟଙ୍କାରେ ସେ ନିଶ୍ଚୟ ଲଟେରି ଟିକେଟ୍ କିଣିବ । ଗହଳି ଭିତରେ ପଶି ପାଞ୍ଚ ଟଙ୍କା ଦେଇ ଟିକେଟଟି କିଣିଲା ସିନିଆ । ଟିକେଟର ନମ୍ବରଟାକୁ ଯଦିଓ ସେ ପଢ଼ି ଜାଣିନି ତଥାପି ଯତ୍ନ ସହକାରେ ସେ ଟିକେଟଟିକୁ ଅଣ୍ଟାରେ ଗୁଞ୍ଜିଦେଇ ରିକ୍ସା ଉପରେ ବସି ଚାଲିଲା ସିଧା ନିଜ ଘରକୁ ।

ଆଶା ମଣିଷକୁ ହଜାଇଦିଏ ସ୍ୱପ୍ନର ବଳୟ ଭିତରେ । ଟାଣିନିଏ କେଉଁ ଏକ ଅଜଣା ପରିରାଇଜକୁ । ଯେଉଁ ସ୍ୱପ୍ନରେ ଅଧୀର ହୋଇ ମଣିଷ ସ୍ୱତଃସ୍ଫୂର୍ତ୍ତ ଭାବେ ଆଶାକୁଞ୍ଜମାନ ଗଢ଼ିଚାଲେ ନିଜର ଅଜାଣତରେ । ସେଦିନ ବି ସନିଆର ଗୋଡ ତଳେ ଲାଗୁନଥିଲା । ମାଳତୀ ଆଗରେ କେତେ କ'ଣ କହି ପକାଇଲା ସେ । ପାଞ୍ଚ ଟଙ୍କାରେ ପାଞ୍ଚ ଲକ୍ଷ ଟଙ୍କାର ଲଟେରି କଥା । ଯଦି ଏହି ଲଟେରି ମୁଁ ଜିତିଯାଏ ତେବେ ଆମ ଭାଗ୍ୟ ବଦଳିଲା ବୋଲି ଜାଣ । ଆଉ ମୁଁ ରିକ୍ସା ଟାଣିବିନି । ତୋ ପାଇଁ କେତେ ଗହଣାଗଣ୍ଠି କିଣିଦେବି । ତୋତେ ମୁଁ ଆଗ ସୁଖରେ ରଖିବି । ଆଉ ତୋ ପେଟରେ ବଢ଼ୁଥିବା ପିଲାଟି ଜନ୍ମ ନେବା ପୂର୍ବରୁ ଯଦି ଆମ ଭାଗ୍ୟ ବଦଳି ଯାଇଥାଏ, ତେବେ ସେ ଆଉ ରିକ୍ସାବାଲା ପୁଅ ନୁହେଁ ସମାଜରେ ବଢ଼ୁଥିବା ଲକ୍ଷ ଲକ୍ଷ ଲକ୍ଷପତିଙ୍କ ପିଲାମାନଙ୍କ ପରି ଦାମ୍ଭିକତାର ସହିତ ତା'ର ପରିଚୟ ଦେଇପାରିବ । ସେଦିନ ସନିଆଁ ମୁହଁରେ ଉକୁଟି ଆସୁଥିବା ହସ ଓ ଆନନ୍ଦକୁ ଉପଲବ୍ଧି କରୁଥିଲ ମାଳତୀ । ନିଜକୁ ନିଜେ ବିଶ୍ୱାସ କରିପାରୁ ନଥିଲା ସେ । ଦୁଃଖରେ ସଜାଡ଼ି ଥିବା ତା'ର ସଂସାରଟି ସୁଖର ସ୍ୱପ୍ନ ଦେଖିବ, ପୁଣି ବିନା କଷ୍ଟରେ । ହସି ହସି କହି ପକେଇଥିଲା - କେତେ ଲୋକ ତ ଟିକେଟ କିଣିଛନ୍ତି । ହାତୀ କାହା ଉପରେ ସୁନା କଳସୀ ଢାଳିବ କେଜାଣି । ଆମେ ତ ଗରିବ ଲୋକ ଏତେ ବଡ଼ ଆଶା କରିବା ବୃଥା । ଯାହାର ଭାଗ୍ୟକୁ ଭଗବାନ ବଦଳେଇ ପାରନ୍ତିନି ତା'କୁ ପୁଣି ଲଟେରି ବଦଳେଇବ ?

ସବୁ ନାରୀ ଚାହାନ୍ତି ସ୍ୱାମୀଙ୍କର ଉନ୍ନତି ।

କାରଣ ସ୍ୱାମୀର ଉନ୍ନତିରେ ସବୁଠୁ ବେଶୀ ଖୁସି ହୁଏ ସ୍ତ୍ରୀ । ତା'ର ଉନ୍ନତି ପାଇଁ ମଙ୍ଗଳ ମନାସେ ସେ । କେତେ ଦିଅଁ ଦେବତାଙ୍କୁ ଡାକେ । ପୂଜାବ୍ରତ କରେ । ଚଉରାମୂଳେ ସଞ୍ଜବତୀ ଜାଳେ । ମାଳତୀ ବିଶ୍ୱାସ ନ କଲେ ମଧ ପ୍ରତିଦିନ ଠାକୁରଙ୍କୁ ଡାକେ । ଚଉରାମୂଳେ ସଞ୍ଜବତୀ ଦେଇ ଲଟେରି ଟିକେଟ ଜିତିବା ପାଇଁ ଠାକୁରଙ୍କୁ ପ୍ରାର୍ଥନା କରେ ।

ଆଜି ଲଟେରି ଉଠାଣ ଦିନ । ସାଇ, ବସ୍ତିରେ ସମସ୍ତଙ୍କ ମନ ଉତ୍‌ଫୁଲ୍ଲିତ । କିଏ ସକାଳୁ ମନ୍ଦିର ଯାଉଛି ତ କିଏ ଶିବଙ୍କ ଉପରେ ବେଲପତ୍ର ସଜାଡୁଛି ଲଟେରି ଜିତିବା ପାଇଁ । ସବୁଦିନ ପରି ସେଦିନ ମଧ ରିକ୍ସା ଧରି ଘରୁ ବାହାରିଲା ସନିଆଁ । ମାଳତୀ ବି ତା କାନପାଖେ ଫୁସ୍‌ଫୁସ୍ ହୋଇ କହିପକାଇଲା - ହେଇ, ମନେଅଛିଯି ଆଜି ଲଟେରି ଉଠାଣ ଦିନ । ସଞ୍ଜବେଳକୁ ଲଟେରି ଉଠିବ । ତୁମେ ସଅଳ ସଅଳ କାମସାରି ଫେରିବା ବାଟରେ ଲଟେରି ଉଠାଣ ଜାଗାରେ ଦେଖିଦେଇ ଆସିବ । ଗଣ୍ଠିଲି ଭିତରେ ଅତି ଯତ୍ନରେ ସାଇତି ରଖିଥିବା ଟିକେଟଟାକୁ ସନିଆ ଅ ।ରେ ଖୋସିଦେଲା ମାଳତୀ । ସନିଆଁର ବି ମନରେ କିଛି କମ୍ ଭାବନା ନଥିଲା ଟିକିଏ ହସିଦେଇ ଚାଲିଗଲା ସେ । ଲଟେରି ପାଖରେ ପ୍ରବଳ ଭିଡ଼ । ସମସ୍ତେ ସମସ୍ତଙ୍କର ଟିକେଟ ନମ୍ବରକୁ ମିଳେଇବାରେ ଲାଗିଛନ୍ତି । କେତେ ଟିକେଟ ସେଠି ଛିଣ୍ଡାହୋଇ ପଡିଛି । ଭିଡ଼ ଭିତରକୁ ପଶିଲା ସନିଆଁ । ନିଜ ନମ୍ବରକୁ ତ ପଢ଼ି ଜାଣିନି ସେ କେମିତି ଜାଣିବ ତା ଲଟେରି କଥା । ଦେଖାହେଲା ତାଙ୍କ ଗାଁ ନିମେଇଁ ବାବୁଙ୍କ ସହିତ । ଅତି ସନ୍ତର୍ପଣତାରେ କହିପକେଇଲା - ବାବୁ ମୋ ଟିକେଟ ନମ୍ବରଟା ଟିକେ ପଢ଼ି ଦେଖନ୍ତୁନି । ସେ ବୋର୍ଡରେ ଯେଉଁ ନମ୍ବର ବାହାରିଛି ତା ଭିତରେ ମୋ ନମ୍ବରଟା ଅଛି କି ? ହାତରୁ ଟାଣିନେଲେ ଟିକେଟଟାକୁ ନିମେଇଁ ବାବୁ । ଦେଖୁ ଦେଖୁ ଖୁସିରେ କହି ପକେଇଲେ ସନିଆ ଲଟେରି ଜିତିଛି । ତା ନମ୍ବର ସହିତ ଲଟେରିର ପ୍ରଥମ ନମ୍ବରଟି ମିଶୁଛି । ନିମେଇଁ ବାବୁଙ୍କ କଥାକୁ ଥଟ୍ଟା ମଣିଲା ସନିଆ । ଏତେ ଲୋକ ଭିତରେ ସମସ୍ତେ ମାଡିଆସିଲେ ସନିଆକୁ ଟେକି ଧରିଲେ । ତୁ ଲଟେରି ଜିତିଛୁ । ପାଞ୍ଚ ଲକ୍ଷ ଟଙ୍କା ପାଇବୁ । ପ୍ରଥମେ ପ୍ରଥମେ କିଛି ବୁଝିପାରିଲାନି ସେ । ତଥାପି ନିଜର ଟିକେଟଟିକୁ ଧରି ଲଟେରି ଦୋକାନର ସେ ବାବୁଙ୍କ ପାଖକୁ ଗଲା ଓ ତାଙ୍କ ଠାରୁ ମଧ ସେ ସଠିକ୍ ଜାଣିଲା ସେ ଲଟେରି ଜିତିଛି । ପାଞ୍ଚ ଲକ୍ଷ ଟଙ୍କା ପାଇବ । ତାକୁ ଏହି ଟଙ୍କା ପାଇବାକୁ ହେଲେ ଦିଲ୍ଲୀ ଯିବାକୁ ପଡିବ । ସେଇଠି ସସମ୍ମାନେ ତାକୁ ପାଞ୍ଚ ଲକ୍ଷ ଟଙ୍କା ଦିଆଯିବ ।

ବାବୁଙ୍କ ଠାରୁ ଦିଲ୍ଲୀଯିବା କଥା ସବୁ ବୁଝି ସନିଆ ଘରକୁ ଆସିଲା । ମନରେ ଅସରନ୍ତି ଭାବନା, ଅବ୍ୟକ୍ତ ଚେତନା । ମାଳତୀ ଛଡ଼ା ଆଉ ବା କାହା ଆଗରେ ପ୍ରକାଶ କରିବ ତା ଖୁସିକୁ ! ସାଇବାଲାଙ୍କ ଠାରୁ ଆଗରୁ ଖବରଟା ଜାଣି ମାଳତୀ ବି ଚାହିଁ ରହିଥିଲା ସନିଆର ବାଟକୁ । ମନଖୁସିରେ ପାଛୋଟି ନେଲା ସନିଆକୁ । ମୁଣ୍ଡରୁ ବୋହି ଯାଇଥିବା ଝାଳକୁ ପୋଛିଦେଲା ତା'ର ପଣତ କାନିରେ । ଲଟେରି ଜିତିବାଟା ଯେତିକି ଖୁସି ଲାଗୁଥିଲା ଦୁହିଁଙ୍କୁ କିନ୍ତୁ ଦିଲ୍ଲୀଯିବା ଶବ୍ଦଟା କେମିତି ଭୟ ସୃଷ୍ଟି କରୁଥିଲା ଦୁହିଁଙ୍କ ମନରେ । ସେମାନେ ଗରିବ ଖଟିଖିଆ । ଦିଲ୍ଲୀ କିଏ ନା ସେମାନେ କିଏ ? ଦିଲ୍ଲୀଯିବା ପାଇଁ ଟଙ୍କା ବି ନାହିଁ ସନିଆ ନିକଟରେ । ତଥାପି ବଡ଼ ହେବାର ନିଶାରେ ମଣିଷ ତା'ର ସମସ୍ତ ଦୁଃଖକୁ ଓଠ ଚିପି ପିଇଯିବାର ପ୍ରୟାସ କରେ । ନିଜ ରିକ୍ସାଟିକୁ ବିକି ସେଇ ପଇସାରେ ଦିଲ୍ଲୀଯିବାର ସବୁ ଆୟୋଜନ କରିଦେଲା ମାଳତୀ ସନିଆ ପାଇଁ । ରିକ୍ସା ବି ଆଉ କ'ଣ

ହେବ । ଦିଲ୍ଲୀରୁ ଆସିଲେ ତ ସନିଆ ଏଥର ଗାଡ଼ି ଚଢ଼ି ବୁଲିବ । ତେଣୁ ଅନ୍ତତଃ ତାଙ୍କ ଗରିବପଣିଆର ଶେଷ ସନ୍ତକ ଭାବେ ଏ ରିକ୍ସାଟିକୁ ମଧ୍ୟ ବିକିଦେବା ଉଚିତ । ମାଳତୀର ଭାରି ଇଚ୍ଛା ଥାଏ ସେ ବି ସନିଆ ସଙ୍ଗେ ଦିଲ୍ଲୀ ଯାଆନ୍ତା । ସନିଆଁ ସହିତ ସେ ମଧ୍ୟ ସସମ୍ମାନେ ତା ପାଖେ ପାଖେ ରହି ଲଟେରି ପଇସା ଧରି ଫେରନ୍ତା । କିନ୍ତୁ ସନିଆର ବାରଣ ସାତମାସ ଗର୍ଭବୋହି ସେ ଯିବ ବା କେମିତି ? ସେଦିନ ସକାଳୁ ସକାଳୁ ସଅଳ ଉଠିପଡ଼ିଲା ମାଳତୀ । ସନିଆ ପାଇଁ ନିଜେ ଦରଜୀ ପାଖରେ ତିଆରି କରିଥିବା ନୂଆ କୁରୁତା ଓ ନୂଆ ଧୋତିଟିକୁ ବାହାରକରି ପିନ୍ଧେଇଦେଲା ନିଜ ହାତରେ । ସବୁକିଛି ନୂଆ ପିନ୍ଧି ମାଳତୀ ଚାଲିଲା ବାକ୍ସଟିକୁ ଧରି ସନିଆ ସାଙ୍ଗରେ ଷ୍ଟେସନକୁ । ବସ୍ତିରୁ କେତେ ଲୋକ ମଧ୍ୟ ଯାଇଥିଲେ ସନିଆକୁ ବଳେଇ ଦେବାପାଇଁ । କିଏ କହୁଥାଏ, ସନିଆ ଭାଇ ଆସିଲା ବେଳକୁ ଆମକୁ ଆଉ ଚିହ୍ନି ପାରୁନଥିବ । ଛୋଟ ପିଲାମାନେ ଆନନ୍ଦରେ କହିଦେଉଥାନ୍ତି ଆସିଲାବେଳକୁ ସନିଆଦା ନିଶ୍ଚୟ ଗାଡ଼ି ଚଢ଼ି ଆସିବ । ଷ୍ଟେସନରେ ଟ୍ରେନ୍ ଆସିବା ପୂର୍ବରୁ ମାଳତୀ ସନିଆ ପାଇଁ ବାକ୍ସରେ ସଜାଡ଼ି ରଖିଥିବା ସମସ୍ତ ଜିନିଷକୁ ପରଖି ନେଉଥାଏ । ଏଇଠି ଟଙ୍କା ଅଛି । ଏଇଠି ଜଳଖିଆ ଅଛି । ଏଇଠି ଲୁଗାପଟା ଇତ୍ୟାଦି । ତା' ସହିତ ଦିଲ୍ଲୀରୁ ତା ପାଇଁ କେତେ କ'ଣ ବରାଦି ଅଣ୍ଟାସୂତା, ନାକଫୁଲ ଇତ୍ୟାଦିର ଦୀର୍ଘ ତାଲିକାଟି କହିବା ଭିତରେ ଟ୍ରେନ୍‌ର କର୍କଶ ଶବ୍ଦଟା କେମିତି ଭୟ ସୃଷ୍ଟି କରୁଥିଲା ସନିଆଁ ଛାତି ଭିତରେ । କେମିତି କେମିତି ଲାଗୁଥାଏ ସନିଆକୁ । ମୁଁ ଯେମିତି ଥିଲି ଭଲ ଥିଲି । ନ ଦେଖିଥିବା ସୁଖକୁ ଧରିବାରେ ମୁଁ ଯେ କେତେଦୂର ସଫଳ ହେବି ଏ ପ୍ରଖର ପ୍ରଶ୍ନ ବାରମ୍ବାର ଉଙ୍କି ମାରୁଥିଲା ସନିଆ ମନରେ ।

ଟ୍ରେନ୍‌ରେ ବସି କେତେ କ'ଣ ଭାବୁଥିଲା ସନିଆ । ପଅରି ଦିନ ଏତେ ବେଳକୁ ସେ ଲକ୍ଷପତି ହୋଇଯାଇଥିବ । ଦୁଃଖର ସଂସାର ତା'ର ସୁଖରେ ଫାଟି ପଡ଼ିବ । ଏମିତି କେତେ କ'ଣ ଭାବନା ନ ସରୁଣୁ ବାଟଟା ସରିଗଲା । ଦିଲ୍ଲୀ ଷ୍ଟେସନ ହୋଇଗଲା ଯା ଭିତରେ । ଭୋକ ବି ଲାଗିନି ସନିଆକୁ । ମନେ ବି ନାହିଁ ତା'ର ଖାଇବା କଥା । ଷ୍ଟେସନରୁ ଓହ୍ଲାଇ ବ୍ୟତିବ୍ୟସ୍ତ ହୋଇପଡ଼ିଲା ସେ । ମଟର ଗାଡ଼ିର ପେଁ ପାଁ ଶବ୍ଦ ଓ ରାସ୍ତାର ଜନଗହଳି ଭିତକୁ ଭେଦକରି କେମିତି କୁଆଡେ ଯିବ ସେ ? ନିଜ ମୁଣ୍ଡରେ ବାକ୍ସଟିକୁ ମୁଣ୍ଡେଇ ଚାଲିଲା ? କାହାକୁ ବା ପଚାରିବ ବାବୁ ଦେଇଥିବା ଠିକଣା ବିଷୟରେ । ରାସ୍ତାର ଏପଟୁ ସେପଟକୁ ଅତିକ୍ରମ କଲାବେଳକୁ ଦୌଡ଼ିବାରେ ଲାଗିଲା । ପଛରୁ ତୀବ୍ର ଗତିରେ ମାଡ଼ିଆସୁଥିବା ଗାଡ଼ିର ହର୍ଣ୍ଣ ସହିତ ଅଭ୍ୟସ୍ତ ନଥିଲା ସେ । ଅଚାନକ ଗାଡ଼ିଟା ମାଡ଼ିଆସିଲା ସନିଆ ଆଡ଼କୁ । ନିଜର ରକ୍ତାକ୍ତ ଦେହରୁ ସନିଆ ପାଟିରୁ ଶୁଣିବାକୁ ମିଳିଲା 'ଲଟେରି' । ତା'ପରେ ପୋଲିସମାନଙ୍କ ପରୀକ୍ଷା ଭିତରୁ ସନିଆ ବାକ୍ସରୁ ମିଳିଲା ଗୋଟିଏ ଠିକଣା ଯେ କି ସନିଆର ମାଉସୀ ପୁଅ ଭାଇ ରାଜାର । ସେ ଦିଲ୍ଲୀରେ ରେଳଷ୍ଟେସନରେ କାମ କରେ, ସେଇଠି ଷ୍ଟେସନ ପାଖରେ ରୁହେ । ମାଳତୀ ବାକ୍ସରେ ସେ ଠିକଣାଟିକୁ ମଧ୍ୟ ଗୁଞ୍ଜି ଦେଇଥିଲା । ସେ ଯଦି ଲଟେରି ଠିକଣା ନ ପାଇବ ତେବେ ରାଜା ଘରକୁ ଯାଇ ତାକୁ ସାଙ୍ଗରେ ନେଇଯିବ ।

ସୁଖ ଓ ଦୁଃଖ ଗୋଟିଏ ବୃନ୍ତର ଦୁଇଟି ଫୁଲ, ଗୋଟିଏ ଝରଣାର ଦୁଇଟି ଝର । ଗୋଟିଏ ବୀଣାରେ ଦୁଇଟି ସୁର । ଅତି ଉଚ୍ଚ ଆଶାରେ ସିନା ମାଳତୀ ବିଦାୟ ଦେଲା ସନିଆକୁ, କିନ୍ତୁ ମନଟା ତାର କେମିତି କେମିତି ଲାଗୁଥାଏ । କେମିତି ଯାଇଥିବ ସନିଆ ।

ମୂଳରୁ ସହର ଦେଖି ନଥିବା ସନିଆ ଦିଲ୍ଲୀରେ ପହଞ୍ଚି କୁଶଳରେ ଫେରିବ ତ । ତଥାପି ଭଗବାନଙ୍କ ପାଖରେ ପ୍ରତି ମୁହୂର୍ତ୍ତରେ ସନିଆର ଶୁଭ ମନାସୁଥାଏ ମାଳତୀ ।

ସୁଖ ହେଉଛି ଏକ ଲଘୁ ପ୍ରଜାପତି । ଏ ଫୁଲରୁ ସେ ଫୁଲକୁ ଡିଏଁ । ଡେଇଁବା ଭିତରେ ଯଦି କେହି ଚପଳତାର ସହିତ ଏହି ପ୍ରଜାପତିକୁ ଧରିବା ପାଇଁ ବୃଥା ପ୍ରୟାସ କରେ ତେବେ ନିସ୍ଫଳ ହୁଏ ସିନା, ସଫଳ ହୁଏନି କେବେ । ଆଜି ସନିଆର ଫେରିବା ଦିନ । ମାଳତୀ ସବୁକିଛି ରନ୍ଧାବଢ଼ା କରି ଟ୍ରେନ୍ ସମୟକୁ ଅନେଇ ରହିଛି । ସନିଆ ଆସିବ ଲକ୍ଷପତି ହୋଇ । ତା'ପାଇଁ କେତେ କ'ଣ ଉପହାର ନେଇ ଆସିଥିବ । ସୁଖ ସ୍ୱପ୍ନର ବଳୟ ଭିତରୁ ହଠାତ୍ ଧଳାରଙ୍ଗର ଗାଡିଟା ମାଡିଆସିଲା ମାଳତୀ ଘର ଅଭିମୁଖେ । ଧୂଳି ଉଡେଇ ପଶିଲା ବସ୍ତି ଭିତରେ । ଗାଡି ଦେଖି ଯେତିକି ଖୁସି ହେଲା, ସେତିକି ଅଭିମାନରେ ଭାବିଲା ମାଳତୀ ନିଶ୍ଚୟ ସନିଆ ଗାଡ଼ି କିଣି ଆସିଥିବ । ମୁଁ ପରା ବାର ବାର ଗଲାବେଳେ ଯାଙ୍କୁ କହିଥିଲି ସେଠି କିଛି କିଣାକିଣି କରିବନି । ଏଠିକି ଆସିଲେ ମୁଁ ଯାହା କହିବି ସେଇଟା ଆଗ କିଣିବ । ସେ କ'ଣ ମୋ କଥା ରଖିଲେ । ଦେଖୁନା ପଇସା ପାଉ ପାଉ ଆଗ ଗୋଟେ ଗାଡି କିଣି ପକେଇଲେଣି ।

ଗାଡିଟା ଆସି ଲାଗିଲା ସିଧା ସନିଆ ଘରେ । ମନ ଖୁସିରେ ଧାଇଁଲା ମାଳତୀ ଗାଡି ପାଖକୁ । ଚାରି ଦିନ ଧରି ଅପେକ୍ଷା କରିଥିବା ସନିଆ ବଦଳରେ ସେ ପ୍ରଥମେ ଦେଖିଲା ସନିଆର ମାଉସୀ ପୁଅ ରାଜାକୁ । ସନିଆକୁ ଗାଡି ଭିତରେ ଖୋଜିଲା ସେ । ଧଳା ଚାଦର ଭିତରୁ ସନିଆର ଶବ ସତେ ଯେମିତି ତାକୁ ଉପହାସ କରି କହୁଥିଲା- ମଣିଷର ଭାଗ୍ୟକୁ ମଣିଷ ତାର କର୍ମରେ ବଦଳାଏ କିନ୍ତୁ ଲଟେରିରେ ନୁହେଁ !!!

ପିଲିଗ୍ରିମ୍ ରୋଡ଼, କଲେଜ ଛକ, କଟକ

ମୋ - ୯୪୩୭୫୩୬୬୩୧

୦୦୦

# ଶୁଭସ୍ୟ ଶୀଘ୍ରମ୍

**ପ୍ରଫୁଲ୍ଲ କୁମାର ଦାଶ**

ଦିନେ ଗଣେଶ୍ୱରବାବୁ ତାଙ୍କ ବାନ୍ଧବୀ ସରସ୍ୱତୀ ଦିଦିଙ୍କ ଘରକୁ ବୁଲିଯାଇଥିଲେ । ଆତିଥ୍ୟ ପ୍ରଦାନ ପରେ ଦିଦିଙ୍କ ବୈଠକଖାନାରେ ଦୁଇ ବନ୍ଧୁ ବେଶ୍ ଆଳାପରେ ମାତିଗଲେ । ଉଭୟେ ସାହିତ୍ୟିକ ଏବଂ କଳାକାର । ତେଣୁ ଆଲୋଚନା ଜମିଲା ହିଁ ଜମିଲା । ଗଣେଶ୍ୱରବାବୁ ପ୍ରଥମେ ଆରମ୍ଭ କଲେ - ଦିଦି, ଏବେ ରୂପେୟା କ୍ୟା ନକରେ କାମ୍ । ଟଙ୍କା ବଳରେ ଏବେ ସବୁ କିଛି ସମ୍ଭବ ।

ଦିଦି ପଚାରିଲେ - ଭାଇ, କିପରି ?

ଗଣେଶ୍ୱର ବାବୁ - ଉତ୍କଳ ଗୌରବ ମଧୁବାବୁ, ଉତ୍କଳମଣି ଗୋପବନ୍ଧୁ, ଉତ୍କଳ କେଶରୀ ମହତାବଙ୍କ ଭଳି ମହାନ୍ ବ୍ୟକ୍ତିଙ୍କ ଭଳି ପରିଶ୍ରମ, ମହତ୍ କାର୍ଯ୍ୟ ସାଧନ ଓ ଆଦର୍ଶ ଜୀବନର ଆବଶ୍ୟକତା ଆଉ ଲୋଡ଼ାନାହିଁ । ଟଙ୍କା ବଦଳରେ ଗୌରବ, ରତ୍ନ, ମଣି ଇତ୍ୟାଦି ଉପାଧି ସହିତ ମାନପତ୍ର, ପଦକ, ସମ୍ବର୍ଦ୍ଧନା ଓ ପୁରସ୍କାର ମିଳିପାରୁଛି । ଯୋଗ୍ୟତାର ବିଚାର ନାହିଁ । ଛଅ ସାତ ହଜାର ଟଙ୍କା ଦେଇପାରିଲେ ହେଲା । କେତେକ ବ୍ୟକ୍ତି ଓ ଅନୁଷ୍ଠାନ ସାରସ୍ୱତ ସେବା ନାଆଁରେ ବେପାର କରି ବେଶ୍ ଲାଭ ଉଠାଉଛନ୍ତି । ବଡ଼ ପରିତାପର ବିଷୟ ଏହି ଯେ, ଏ ବିଷୟରେ ସାମ୍ବାଦିକ ଓ ସରକାର ଜାଣିଶୁଣି ନିରବ ରହୁଛନ୍ତି ।

ସରସ୍ୱତୀ ଦିଦି - ସତ କଥା ଭାଇ, ଏ ଯୁଗରେ ଦୁର୍ନୀତିର ଚେର ସବୁଆଡ଼େ ଲମ୍ବିଯାଇଛି । କଳାକାର ନା ହୋଇ, ନିର୍ଦ୍ଦିଷ୍ଟ ବୟସ ସୀମାରୁ ନିମ୍ନରେ ଥାଇ ମାତ୍ର ଦଶହଜାର ଟଙ୍କା ବିନିମୟରେ 'ଦୁଃସ୍ଥ-କୃତି-କଳାକାର-ଭ ଉ ।' ପ୍ରାପ୍ତି ହୋଇପାରୁଛି । ସାମ୍ବାଦିକ ଏକଥା ଜାଣି ବି ସମ୍ବାଦପତ୍ରରେ ପ୍ରକାଶ କରୁନାହାନ୍ତି । ବିଭାଗୀୟ ସରକାରୀ କର୍ମକଉ ାଙ୍କୁ ଅଭିଯୋଗ ପତ୍ର ଦେଲେ କିଛି ଫଳ ମିଳୁନାହିଁ । କୃତି-ବୃଦ୍ଧ-କଳାକାରମାନେ ଅବହେଳିତ କିନ୍ତୁ ଅଣକଳାକାର ଓ ଅଣକୃତି କଳାକାର ତଥା ଯୁବାବସ୍ଥାର ବ୍ୟକ୍ତିଙ୍କର ବାଜିମାତ୍ ...।

ଗଣେଶ୍ୱର ବାବୁ - ହଁ, ମିଥ୍ୟା ପ୍ରମାଣ ପତ୍ର ଯୋଗାଇ ଦଶରୁ ପଚିଶ ହଜାର ଟଙ୍କା ଲା ନେଇ କେତେକ ଦଲାଲ ଶ୍ରେଣୀର ବ୍ୟକ୍ତି ବିଭାଗୀୟ କର୍ମକଉ ାଙ୍କୁ ହାତେଇ କାଳାକାର ଭ ଉ । କରାଇଦେଇ ମଝିରେ ଫାଇଦା ମାରି ନେଉଛନ୍ତି । ଅଭିଯୋଗ ପ୍ରାପ୍ତି ପରେ ପ୍ରକୃତ ସତ୍ୟ ଅନୁସନ୍ଧାନ କରି ସଂପୃକ୍ତ ଅପରାଧୀ (ଟଙ୍କା ଦେଲାବାଲା ଦଲାଲଗିରି କରୁଥିବା ଓ ଲା ଞ୍ଚ ନେଉଥିବା ବ୍ୟକ୍ତିଙ୍କୁ) ମାନଙ୍କୁ ଦଣ୍ଡିତ କରାଗଲେ ଏ ରୋଗ ସମୂଳେ ଧ୍ୱଂସ ପାଇଯାନ୍ତା ।

ସରସ୍ୱତୀ ଦିଦି - ଏଥିପାଇଁ ଆମେ କ'ଣ ବା କରିପାରିବା ?

ଗଣେଶ୍ୱରବାବୁ - ସଚେତନତା ଆବଶ୍ୟକ । ବିନା ଆନ୍ଦୋଳନରେ ସରକାରୀ କର୍ମକଉ ାଙ୍କ ନିଦ ଭାଙ୍ଗିନାହିଁ । ଟାଣ ପଡ଼ିଲେ, ବିଭାଗୀୟ ମନ୍ତ୍ରୀଙ୍କର ନୈତିକତା ଦୃଷ୍ଟିରୁ ଇସ୍ତଫା । ତଦନ୍ତ ସମୟସାପେକ୍ଷ, ଫଳତଃ ସଭିଏଁ ଜାଣନ୍ତି । ଜନପ୍ରିୟ ସରକାରଙ୍କ ଲକ୍ଷ୍ୟ ସାଧିତ ହୋଇପାରୁନାହିଁ । ସମାଜର ଉନ୍ନତି ହେବ କିପରି ? ମାତୃଭାଷା ଓ ପାରମ୍ପରିକ କଳାର ବିକାଶ

ପାଇଁ ଭାଷଣ ଓ ସମାଲୋଚନା କେତେଦୂର ଫଳବତୀ ହେଉଛି ।

ସରସ୍ୱତୀ ଦିଦି - ଆମ ଭଳି କବି କଳାକାରଙ୍କର ଭବିଷ୍ୟତ କ'ଣ ? ଏ ରାଜ୍ୟରେ ଏକାଡେମୀ ପୁରସ୍କାର ପ୍ରାପ୍ତ ବ୍ୟକ୍ତି ବୃଦ୍ଧ ବୟସରେ ଭିକ ମାଗିପାରନ୍ତି । ଏକାଡେମୀ ପୁରସ୍କାର ପାଇଁ ପ୍ରତିଭା ଚୟନରେ ସ୍ୱଚ୍ଛତା ନାହିଁ ବୋଲି ସମାଲୋଚନା ହେଉଛି । ଏ ପରିପ୍ରେକ୍ଷୀରେ ପ୍ରତିଭା ପୂଜାରେ ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରୁନି ।

ଗଣେଶ୍ୱର ବାବୁ - ଦିଦି, ପରିବ ର୍ତ୍ତନ ଦରକାର । ପରିବ ର୍ତ୍ତନ ପାଇଁ ବିପ୍ଳବ ଦରକାର । ପ୍ରତିଭାଧାରୀଙ୍କ ଚୟନ କ୍ଷେତ୍ରରେ ଏବଂ କୃତି ବୃଦ୍ଧ କଳାକାର ନିର୍ବାଚନ ନିମିତ୍ତ ପ୍ରଦତ୍ତ ଫର୍ମରେ, ଏଭଳି ନିୟମ ରଖାଯାଉ, ଯାହାଫଳରେ ମିଥ୍ୟା ପ୍ରମାଣ ଯୋଗାଇଲେ ଧରାପଡ଼ିଯିବେ । ଉପାଧି, ସମ୍ବର୍ଦ୍ଧନା ଲାଳାୟିତ ବ୍ୟକ୍ତିମାନେ ଅର୍ଥ ବିନିମୟରେ ମାନପତ୍ର, ପୁରସ୍କାର ପାଇବା ପ୍ରଥା ଉଚ୍ଛେଦ ହେବା ନିହାତି ଦରକାର । ଏଥିପାଇଁ ସରକାରଙ୍କ ତରଫରୁ ଦୃଢ଼ ବିହିତ ପଦକ୍ଷେପ ନେବା ଆବଶ୍ୟକ ।

ସରସ୍ୱତୀ ଦିଦି - ଏଣିକି ଆମକୁ ଆମ ଲେଖାର ଧାରା ବଦଳାଇବାକୁ ହେବ । ସାହିତ୍ୟର ପ୍ରତି ବିଭାଗ (ଯଥା-ଗଳ୍ପ, କବିତା, ପ୍ରବନ୍ଧାଦି) ର ବିଷୟରେ ମୂଲ୍ୟବୋଧଭିତ୍ତିକ ବୈପ୍ଳବିକ ଚିନ୍ତାଧାରାର ନିର୍ଯ୍ୟାସ ଭରିବାକୁ ହେବ । ବାର୍ଷିକ ସମ୍ବର୍ଦ୍ଧନା ମେଳା ଓ ଭ ତ୍ତା ପ୍ରଦାନ ବିରୋଧରେ ଅଭିଯୋଗର ସ୍ୱର ଉ ତ୍ତୋଳନ କରିବାକୁ ପଡ଼ିବ । ଏଥିପାଇଁ ଆମେ ଦୃଢ଼ ସଂକଳ୍ପଯୁକ୍ତ ହୋଇ ଲେଖନୀ ଚାଳନା କରିବା, କାରଣ ଅସୀଠାରୁ ମସୀର ଶକ୍ତି ଅଧିକ ହୋଇଥାଏ ନା, ଏ ବିଷୟରେ ଆପଣଙ୍କ ଚିନ୍ତାଧାରା.....

ଗଣେଶ୍ୱରବାବୁ - ଦିଦି, ଶୁଭସ୍ୟ ଶ୍ରୀଘ୍ରମ୍ ।

ଉଭୟେ ହସିଉଠିଲେ । ଦିଦିଙ୍କ ସାନଭଉଣୀ କଫି ପରିବେଷର କଲା ।

କିଛିଦିନ ପରେ ଗଣେଶ୍ୱରବାବୁ ଓ ସରସ୍ୱତୀ ଦିଦି ଏକ ସାହିତ୍ୟ ସମ୍ମିଳନୀକୁ ବସ୍ ଯୋଗେ ଯାତ୍ରା କରୁଥାନ୍ତି । ଉଦ୍ଦେଶ୍ୟ - କବିତା ପାଠୋତ୍ସବରେ ଯୋଗଦେବେ । ପାଖ ସିଟ୍‌ରେ ବସିଥିଲେ ଜଣେ ଭଦ୍ର ଯୁବକ । ତାଙ୍କ ନାମ ମାନସ ରଞ୍ଜନ, ସଂକ୍ଷେପରେ 'ମାନବାବୁ' । ପରିଚୟ ଅନ୍ତେ ଆଳାପ ଜମିଲା । ମାନବାବୁ କହିଲେ, ଆପଣ ଆମ 'ସାହିତ୍ୟ ସାଗର' ସାରସ୍ୱତ ଅନୁଷ୍ଠାନରେ ନାମ ପଞ୍ଜିକରଣ କରନ୍ତୁ ।

ସରସ୍ୱତୀ ଦିଦି - କାହିଁକି ?

ମାନବାବୁ - ଆପଣଙ୍କୁ ସମ୍ବର୍ଦ୍ଧନା, ମାନପତ୍ର ପ୍ରଦାନ କରାଯିବ । ପ୍ରତିଭା ପରିଚୟ ପୁସ୍ତକରେ ଆପଣଙ୍କର ଫଟୋ ଓ ପରଚୟ ପ୍ରକାଶ ପାଇବ । ଆପଣ ସାରା ରାଜ୍ୟରେ ଜଣେ ପ୍ରତିଭାଧାରୀ ରୂପେ ସମ୍ମାନିତ ହେବେ । ଲୋକସଂପର୍କ ବି ବୃଦ୍ଧି ହେବ ।

ଗଣେଶ୍ୱର ବାବୁ - କ'ଣ ଖାଲି ପଞ୍ଜିକରଣ ଦ୍ୱାରା ? କିପରି ?

ମାନବାବୁ - (ନିଜର ଆଇଡେଣ୍ଟି କାର୍ଡ ଦେଉ ଦେଉ) ଆପଣ, ଏଇ ଠିକଣାରେ ପାସ୍‌ପୋର୍ଟ ସାଇଜର ନିଜର ଦୁଇଟି ଫଟୋ କପି ଏବଂ ପରିଚୟ ପତ୍ର (ବାଇଓଡାଟା) ପଠାଇଦେବେ । ସହଯୋଗ ରାଶି କବିତା ପାଇଁ ୧୦୦ଟଙ୍କା, ଗଳ୍ପ ପାଇଁ ୧୫୦ ଟଙ୍କା ପ୍ରବନ୍ଧ ପାଇଁ ୨୦୦ଟଙ୍କା ଏବଂ ଉପାଧି, ସମ୍ବର୍ଦ୍ଧନା ପାଇଁ ମାତ୍ର ୫ ହଜାର ଟଙ୍କା । ପୁଣି ପ୍ରତିଭା ପରିଚୟ ପାଇଁ ୧୦୦ଟଙ୍କା ମନିଅର୍ଡର ଯୋଗେ ପଠାଇବେ । ଏହାପରେ ଆପଣଙ୍କୁ ନିମନ୍ତ୍ରଣ ପତ୍ର ମିଳିଯିବ । ନିର୍ଦ୍ଦିଷ୍ଟ

ସମୟରେ ଆପଣ ଉପସ୍ଥିତି ରହି ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଠାରୁ ସମ୍ବର୍ଦ୍ଧନା, ଉପାଧି, ମାନପତ୍ର ସହିତ ପ୍ରତିଭା ପରିଚୟ ଓ ଆମ ସାହିତ୍ୟ ସାଗରର ମୁଖପତ୍ର 'ଲେଖନୀ'ର କପି ମଧ୍ୟ ପାଇପାରିବେ ।

ସରସ୍ୱତୀ ଦିଦି - ୟେ ତ ଟଙ୍କା ଦେଇ ସମ୍ବର୍ଦ୍ଧନା ଓ ଉପାଧି କିଣା ହେବାର ଏକ ସୁନ୍ଦର ବ୍ୟବସ୍ଥା । ଏହାଦ୍ୱାରା ସାରସ୍ୱତ - ମୂଲ୍ୟବୋଧର ହ୍ରାସ ହେଉନି କି ?

ମାନବାବୁ - (ସ୍ମିତହସି) ଦେଖନ୍ତୁ, ଆମ ରାଜ୍ୟର ଅନେକ ଲେଖକ - ଲେଖିକା ଅରଣ୍ୟ ମଲ୍ଲୀ ସଦୃଶ ଅଜଣା ଅଚିହ୍ନା ଓ ଅବହେଳିତ । ଆମେ ଏହି ପରିପ୍ରେକ୍ଷୀରେ ଲେଖକ, କଳାକାରମାନଙ୍କୁ ଉତ୍ସାହିତ କରି ସାହିତ୍ୟ, କଳା ସେବା ସହିତ ପ୍ରତିଭା ପୂଜା ମଧ୍ୟ କରିପାରୁଛୁ । ସମ୍ମିଳନୀରେ ଖାଲି କବିତା ପଢ଼ିଦେଲେ ଲାଭ କ'ଣ ? ଦେଖନ୍ତୁ ଆଜ୍ଞା, ଆମର ଏ ବ୍ୟବସ୍ଥାରେ କୌଣସି ବାଧବାଧକତା ନାହିଁ । ଆପଣଙ୍କର ଯଦି ଏଥିରେ ରୁଚି ଓ ଇଚ୍ଛା ଥାଏ, ତେବେ ଶୁଭସ୍ୟ ଶୀଘ୍ରମ୍ ।

ବସ୍ ଅଟକିଗଲା । ଷ୍ଟେପେଜ୍‌ରେ ମାନବାବୁ ଓହ୍ଲାଇ ଯାଉଥିବାବେଳେ କହୁଥିଲେ- "ଅଜ୍ଞା, ନମସ୍କାର ।"

ଗଣେଶ୍ୱର ବାବୁ ଓ ସରସ୍ୱତୀ ଦିଦି ଭାବୁଥିଲେ - "ଶୁଭସ୍ୟ ଶ୍ରୀଘ୍ରମ୍" । ପାଖରେ ବସିଥିବା ଜଣେ ଭଦ୍ରବ୍ୟକ୍ତି ଅନୁଜ ସ୍ୱରରେ କହିଉଠିଲେ,- ଧନ୍ୟରେ ଆମେ ଓଡ଼ିଆ, ଧନ୍ୟ ଆମର ସାହିତ୍ୟ ସେବା ଓ ଭାଷା ପ୍ରେମ । ଧନ୍ୟ, ଏଇ ସାହିତ୍ୟ-ସାମନ୍ତ ଜଣକ!!!

ସୁକିନ୍ଦା, ଯାଜପୁର



# ଏ ଯୁଗ ସାବିତ୍ରୀ

**ଡକ୍ଟର ପଦ୍ମଲୋଚନ ମହାକୁଡ଼**

ନିବିଡ଼ ଅନ୍ଧକାର ଭିତରେ ଦୁଇଜଣ ଅତି ପାଖାପାଖି । ମନେହେଉଛି ଜଣେ ଜଣକୁ ଭଲପାଏ । ଜଣେ ଯୁବକ ଓ ଅନ୍ୟ ଜଣେ ଯୁବତୀ । କୋଡ଼ିଏ କି ଏକୋଇଶି ବର୍ଷର ଯୁବତୀଟି । ଆଧୁନିକା ଓ ଆଭିଜାତ୍ୟ ପରିବାରର ଅଲିଅଳୀ କନ୍ୟା । ଗୋଲାପି ରଙ୍ଗର ଶାଢ଼ି ଓ ଫିକା ଆସମାନି ରଙ୍ଗର ବ୍ଲାଉଜ୍ ଉପରେ ଚମ୍ପା ରଙ୍ଗର ଉତ୍ତରୀୟ । ନିମ୍ନାଙ୍ଗ ଉପରେ ଆଲୋକ ନ ପଡ଼ିଲେ ସୁଦ୍ଧା ଅନୁମାନରେ ବୁଝାଯାଉଥାଏ ଶାଢ଼ି ଓ ବ୍ଲାଉଜ୍‌ର ରଙ୍ଗ । ସେହିପରି ବୁଝାଯାଉଥାଏ ଯୁବକଟିର ବେଶ ବାସ । ମୂଲ୍ୟହୀନ ପୋଷାକରେ ଆଭିଜାତ୍ୟହୀନ ସ୍ପର୍ଶ । ସମୟର ଗତିରେ ଭଲପାଇବା ସରିଯାଇଛି । ସମୟର କରାଳ ଗତିରେ ଜଣେ ସ୍ୱାମୀ ଅନ୍ୟ ଜଣେ ସ୍ତ୍ରୀ । ପୁଣି ସେହି ସମୟ ସ୍ରୋତରେ ନିବିଡ଼ ଅନ୍ଧକାର ଭିତରେ ସାମ୍ନାସାମ୍ନି ସେହି ଦୁଇଜଣ ।

କିନ୍ତୁ ସଙ୍ଗେ ସଙ୍ଗେ ଯୁବତୀଟି ଚିତ୍କାର କରିଉଠିଲା - କିଏ ତୁମେ ! କାହିଁକି ତୁମେ ମୋ ଘରକୁ ଆସିଛ ?

ବିକଟ ହାସ୍ୟ କରିଉଠିଲା ସେହି ରହସ୍ୟମୟ ପୁରୁଷ । ପ୍ରେତକ ହସ ପରି ବିକଟ ଓ ଭୟଙ୍କର ।

କିଏ ? କିଏ ତୁମେ ? ନାରୀଟି ଚମକିପଡ଼ିଲା ପୁଣି ।

ଗୋଟିଏ କ୍ରୋଧ ଗର୍ଜନ ଶୁଣାଗଲା ।

– ମୋତେ ଚିହ୍ନିପାରୁନା ସାବିତ୍ରୀ । ଜାଣେ ତୁମେ ମୋତେ ଚିହ୍ନିପାରିବ ନାହିଁ । ଆଜି ଯଦି ସାତବର୍ଷ ତଳର କଥା ମନେପକାନ୍ତ ତାହାହେଲେ ଅକ୍ଳେଶରେ ମୋତେ ଚିହ୍ନିପାରନ୍ତ । ତୁମେ ଭୁଲିଯାଇଛ କି ତୁମ ଜୀବନର ପ୍ରଥମ ପୁରୁଷକୁ, ଯିଏ ତୁମକୁ ସ୍ନେହ, ପ୍ରେମ ଦେଇ ହୃଦୟର ଦେବୀ ରୂପେ ବରଣ କରି ସ୍ୱଜାତି ଓ ଧର୍ମ ଉପରେ ସେଦିନ କୁଠାରଘାତ କରିଥିଲା । ଏତେଶୀଘ୍ର ଭୁଲିଗଲ ତା'କୁ ?

– ନା - ନା - ନା, ତୁମେ ଯାଅ ? ତୁମେ ଏଠାରୁ ଚାଲିଯାଅ ଅରବିନ୍ଦ.... ତୁମେ ଯାଅ । ଅଧୀର କଣ୍ଠରେ କହିଲା ନାରୀଟି ।

ହାଃ - ହାଃ - ହାଃ ! ପୁଣି ସେହି ବିକଟ ହସ ହସି ପୁରୁଷଟି କହିଲା - ହଁ ଚାଲିଯିବି । ଯିବା ଆଗରୁ ଯୁଧିଷ୍ଠିର ପତ୍ନୀ ସାବିତ୍ରୀକୁ ସର୍ବନାଶ ନ କରି ପାଦେ ମାତ୍ର ଯାଇପାରିବି ନାହିଁ । ସାବିତ୍ରୀ, ହଁ - ହଁ ସାବିତ୍ରୀ, ପୁରାଣ ବର୍ଣ୍ଣିତ ସାବିତ୍ରୀ । ସାତ କନ୍ୟା ଭିତରୁ ଜଣେ କନ୍ୟା । ଯାହାର ସ୍ମରଣରେ ମହାପାତକ ନାଶ ହୁଏ । ସେହି ସାବିତ୍ରୀର ଚରିତ୍ର କହି ଦେଇଯିବି ତାହାର ସ୍ୱାମୀ ପାଖରେ । ମୁଁ ନ କହିବା ପର୍ଯ୍ୟନ୍ତ ଏଠାରୁ ଯାଇନାହିଁ ସାବିତ୍ରୀ । କହୁ କହୁ ଆଗେଇ ଆସିଲା ସେହି ଯୁବକଟି । ପଛେଇ ପଛେଇ ଚାଲିଥାଏ ସାବିତ୍ରୀ ।

– ଅରବିନ୍ଦ ! ନିଷ୍ଠୁର ହୁଅନା ଅରବିନ୍ଦ ! ତୁମ ନିକଟରେ ମୁଁ ସତୀ ନୁହେଁ । କିନ୍ତୁ ମୋ'ର ସ୍ୱାମୀ, ନା - ନା ତୁମେ ତାହା କେବେ କରିପାରିବ ନାହିଁ । ସେ ମୋତେ ଅନ୍ତରର ସହିତ ଭଲପାଆନ୍ତି । କୁଳବଧୂର ମର୍ଯ୍ୟାଦା ଦେଇଛନ୍ତି । ଆମ ଘରକରଣା ଭାଙ୍ଗି ଦିଅନା ଅରବିନ୍ଦ !

– ଘରକରଣା, ଛି - ଛି ଲଜ୍ଜା ହୁଏନା ତୁମକୁ । ଘରକରଣା କରିବା କଥା ତୁମେ କି ସେଦିନ କହି

ନଥିଲ ? ତା'ପରେ ତୁମେ କ'ଣ କଲ ? ଯେତେବେଳେ ତୁମେ ବୁଝିପାରିଲ ଦରିଦ୍ରକୁ ତୁମେ ଭଲପାଉଛ, ଅଙ୍ଗଦାନ ଦେଇଛ, ସେତେବେଳେ କେବଳ ରୂପ ଧନ ଦେଖି ବିଭା ହେଲ ଏହି ଧନୀ ପୁତ୍ର ଯୁଧିଷ୍ଠିରଙ୍କୁ । ସେତେବେଳେ ମନେପଡ଼ିଥିଲା କି ଏହି ହତଭାଗାର କଥା ? ଆଜି ଯୁଧିଷ୍ଠିର ତୁମର ସ୍ୱାମୀ । କିନ୍ତୁ ସେଦିନ ଯାହାକୁ ସ୍ୱାମୀ ବୋଲି ବରଣମାଳା ଦେଇ ଯୌବନ ଅର୍ପଣ କରିଥିଲ ତାକୁ କ'ଣ ତୁମେ ଭୁଲିଗଣ ସାବିତ୍ରୀ ? ହେ ମହିମାମୟୀ ନାରୀ ! ତୁମେ ଧନ୍ୟ ! ତୁମର ପ୍ରେମ ଧନ୍ୟ - ତୁମର ପତିପରାୟଣତା ଧନ୍ୟ ....

– ଅରବିନ୍ଦ ! ଅରବିନ୍ଦ ! ତୁମେ ଏଠୁ ଚାଲିଯାଅ ଅରବିନ୍ଦ । ତାଙ୍କ ଫେରିବାର ସମୟ ହୋଇଯାଉଛି, ତୁମେ ଫେରିଯାଅ ।

– କିନ୍ତୁ ମୁଁ ଚାଲିଯାଉଛି ମହିମାମୟୀ ନାରୀ, ତୁମେ ଯଦି ପ୍ରକୃତରେ ମୋତେ ଭଲପାଅ ତା'ହେଲେ ଫେରିଆସ ମୋ' ପାଖକୁ ।

– ଅରବିନ୍ଦ ! ତାହା ହୋଇପାରେନା । ଯାହା ସାଙ୍ଗରେ ମୋ'ର ହସ୍ତଗ୍ରନ୍ଥି ପଡ଼ିସାରିଛି ସେ ମୋର ସର୍ବସ୍ୱ ! ମୁଁ ତାଙ୍କର ଦାସୀ ।

– ଦାସୀ, ହାଃ..... ହାଃ.... ହାଃ... । ହସିଉଠିଲା ପୁରୁଷଟି । ଚାଲିଯାଉଛି । ନମସ୍କାର । ଗୁଡ୍ ନାଇଟ୍..... ।

ନିବିଡ଼ ଅନ୍ଧକାର ରାତିଟି ଢୁଳେଇ ଢୁଳେଇ ପାହିଗଲା । ବିହଙ୍ଗମଗଣ ନିଜ ନିଜର କୁଟୀର ଛାଡ଼ି ଚାଲିଗଲେ କେଉଁ ଅଜଣା ରାଜ୍ୟକୁ ଖାଦ୍ୟ ପାଇଁ । ଯୁଧିଷ୍ଠିର ଚାଲିଛି ତାହାର କାର୍ଯ୍ୟରେ । ମନେହେଉଛି ଅରଣ୍ୟ ତା'ର ସାଥୀ । ନିତିଦିନ କାଠ ବିକି ପେଟ ପୋଷୁଛି । ଇତିମଧରେ ସାବିତ୍ରୀର ଗୋଟିଏ ବୋଲି ପୁତ୍ର ।

ଯୁଧିଷ୍ଠିର ଆଜି ତା'ର କାମକୁ ହେଳା କରିନାହିଁ । ଚାଲିଛି ତା'ର ସାଙ୍ଗସାଥୀଙ୍କୁ ନେଇ । ତା'ର ପ୍ରିୟତମ ସାଙ୍ଗ ହରିଆ ମଧ ଚାଲିଛି କାଠ କାଟି ବଜାରରେ ବିକ୍ରି କରିବା ପାଇଁ । ଯୁଧିଷ୍ଠିର ମନ ଆନନ୍ଦରେ ନାଚୁଛି । ତା'ର ଗୋଟିଏ ବୋଲି ପୁଅ ଦକ୍ଷିଣା । କେତେ ଆଶା ମନ ଆଗରେ ଭାସି ଯାଉଛି ।

ହଠାତ୍ ଗର୍ଜିଉଠିଲା ପିସ୍ତଲ୍ । ଢ଼ୋ... ଢ଼ୋ.... ଢ଼ୋ । ହରିଆ ଟଳିପଡ଼ିଲା ଭୂଇଁରେ । ଯୁଧିଷ୍ଠିର ଥୟ ଧରି ରହିପାରିଲା ନାହିଁ । ହରିଆ ଉପରେ ଲୋଟିଗଲା ଆସ୍ତେ ଆସ୍ତେ । ଗୋଟିଏ ହାତ ଯୁଧିଷ୍ଠିର ପାଖକୁ ଆସିଲା । ହାତଟି ଯୁଧିଷ୍ଠିର ବେକକୁ ଧରି ମୋଡ଼ିଲା । ବିକଳରେ କାନ୍ଦିଉଠିଲା ଯୁଧିଷ୍ଠିର । ଅପ୍ରତିଭ ଭାବରେ ଏପରି ଘଟିଯିବ ବୋଲି ଭାବି ନ ଥିଲା ଯୁଧିଷ୍ଠିର । ଆତତାୟୀ ଆଗେଇ ଆସିଲା ପାଖକୁ । ହଠାତ୍ ଭୁସି ହୋଇଗଲା ଯୁଧିଷ୍ଠିର ଛାତି ଭିତରେ ଏକ ଛୁରା । ଗର୍ଜି ଉଠିଲା ଆତତାୟୀ - ହାଃ - ହାଃ - ହାଃ, ନେଇଛି - ନେଇଛି ମୋର ପ୍ରତିଶୋଧ, ନେଇଛି ମାତ୍ର ରହିଛି ସାବିତ୍ରୀ ।

ଯୁଧିଷ୍ଠିର କାନ୍ଦି କାନ୍ଦି କହିଲା - ସାବିତ୍ରୀ! କ'ଣ ହେବ ସାବିତ୍ରୀର ମୋ'ର ? ଯେ ମୋ'ତେ ଫୁଲର ବରଣମାଳା ଦେଇ, ବୋହୂ ସାଜି, ମୋ' କୋଳରେ ଲୋଟିଯାଇଥିଲା ସେ ମୋ'ର.....

– ମନେରଖ ଯୁଧିଷ୍ଠିର, ଆଜି ତୋ'ର ଜୀବନ ଶେଷ ହୋଇଯାଉଛି । ସ୍ୱର୍ଗରେ ଯାଇ ତୁ ତୋ'ର ସାବିତ୍ରୀର ଚରିତ୍ର ଦେଖିବାକୁ ପାଇବୁ ।

– ମରିଗଲି - ମରିଗଲି - ରକ୍ଷାକର । ଏହିଠାରୁ ମୋ'ର ଜୀବନ ଶେଷରେ ଦକ୍ଷିଣା । ବାପା ମୋ'ର, ଜୀବନ ଯିବାବେଳେ ଟିକିଏ ଦେଖା ଦେଏରେ ଦକ୍ଷିଣା । ଏହା କହୁ କହୁ ଚେତାଶୂନ୍ୟ ହୋଇଗଲା ଯୁଧିଷ୍ଠିର ।

ତା'ପରେ ତା'କୁ ଆତତାୟୀ ନେଇଗଲା ଅନେକ ଦୂରକୁ ।

ସମୟ କାହାକୁ ଅପେକ୍ଷା କରେନାହିଁ । ଜଳସ୍ରୋତ ପରି ସମୟ ଗଡ଼ିଚାଲିଛି । ସାବିତ୍ରୀ ଗୋଟିଏ ପାଖରେ ବସି ଭାବୁଛି ତା'ର ସ୍ୱାମୀ କଥା । ସ୍ୱାମୀ ତା'ର ଆଜିକୁ ଏକ ବର୍ଷ ହେଲା ସ୍ୱର୍ଗକୁ ଗଲେଣି ଏକମାତ୍ର ପୁତ୍ର ଦକ୍ଷିଣାକୁ ଛାଡ଼ିଦେଇ ।

ପୋଲିସ୍ ଏହି ବୀଭତ୍ସ ଖୁନ୍‌ର ଦୋଷୀକୁ ଆଲୋକକୁ ଆଣିପାରି ନାହିଁ । ପୋଲିସ୍ ଶ୍ରୀକାନ୍ତ ବାବୁ ଏହାର ତଦନ୍ତରେ କିଛି ପାଉନାହାଁନ୍ତି । ଯେଉଁଠାରେ ଏ ବୀଭତ୍ସ ଖୁନ୍ ହୋଇଥିଲା ସେହି ବଣର ନାମ ବାଂଶବଣୀ । ଶ୍ରୀକାନ୍ତବାବୁ ଚାଲିଛନ୍ତି ସେହି ବାଂଶବଣୀ ପାଖକୁ କିଛି ଖବର ଆଶାରେ । ହଠାତ୍ କାହାର ଚିତ୍କାର ଶୁଭିଲା ।

– ବାପା ! ବାପା ! ଦେଖାଦିଅ ବାପା ! ଦୌଡ଼ିଗଲେ ଶ୍ରୀକାନ୍ତ ବାବୁ । ଖୁବ୍ ଜୋର୍‌ରେ ଧରି ପକାଇଲେ ସେହି ପିଲାଟିକୁ । ପୁଣି ଚିତ୍କାର କରିଉଠିଲା ସେହି ପିଲାଟି - ମୋ'ତେ ଛାଡ଼, ମୋ'ର ବାପା ହେଇ ଡାକୁଛି, ନା - ନା, ମୁଁ ଯିବି ବାପା ! ବାପା !

ଶ୍ରୀକାନ୍ତବାବୁ ଅଳ୍ପ ହସି କହିଲେ - ଏ ପିଲା, ତୋ'ର ନାମ କ'ଣ ? ତୋ'ର ବାପାଙ୍କର ନାମ କ'ଣ ? କାହିଁକି ଏପରି ଚିତ୍କାର କରୁଛୁ ?

– ମୋ'ର ନାମ ଦକ୍ଷିଣା ଦାସ ଓ ବାପାଙ୍କର ନାମ ଯୁଧିଷ୍ଠିର ଦାସ ।

– ଆଚ୍ଛା, ପିଲା ତୋ'ର ଆଉ କ'ଣ କେହିନାହାନ୍ତି ?

– ହଁ ହଁ ଅଛନ୍ତି । ହେଲେ ସେ ମୋ'ର ମାଆ ।

– ମାଆ ତୋ'ତେ ଛାଡ଼ିଦେଇଛି ।

– ମୋ'ତେ ଘରୁ ବାହାର କରି ଦେଇଛନ୍ତି ।

ତା'ପରେ ଶ୍ରୀକାନ୍ତବାବୁଙ୍କ ସାଙ୍ଗରେ ଦକ୍ଷିଣା ମନଆନନ୍ଦରେ ସନ୍ଧାନୀ କକ୍ଷକୁ ଚାଲିଗଲା । ସାବିତ୍ରୀ ପାଖ ଘର ବଗିଚା ପାଖରୁ ଏକ ନିବିଡ଼ ଅନ୍ଧକାର ରାତିରେ ଯୁଧିଷ୍ଠିରର ଆତ୍ମା ଆଗେଇ ଆସିଲା ସାବିତ୍ରୀ କକ୍ଷ ମଧ୍ୟକୁ । ସାବିତ୍ରୀ ଶୋଇରହିଛି ଘର ମଧ୍ୟରେ ଏକା ।

ଶୁନ୍‌ଶାନ୍ ପରିବେଶ ମଧ୍ୟରେ ଶୁଭୁଥିଲା ଘଡ଼ିର ଟିକ୍... ଟାକ୍....ଟିକ୍....ଟାକ୍.... ଶବ୍ଦ । ହଠାତ୍ ଯେପରି ପବନ ବାହାରୁ ଖୁବ୍ ଜୋର୍‌ରେ କକ୍ଷ ମଧ୍ୟକୁ ପ୍ରବେଶ କଲା । ଝରକାର କବାଟ ଏକାଥରକେ ବନ୍ଦ୍ ହୋଇଗଲା । ଲଣ୍ଠନରୁ ଯେପରି ତେଲ କମି ଆସୁଥିଲା । ବତୀ ଲିଭି ଲିଭି ଆସୁଥିଲା, ଦପ୍ କରି ଆଲୁଅ ଲିଭିଗଲା । ଭୟରେ ସାବିତ୍ରୀର ଆଖିପତା ବୁଜି ହୋଇଗଲା । ଚୁପ୍‌ଚାପ୍ ବିଛଣା ଉପରେ ପଡ଼ିରହି ପରବର୍ତ୍ତୀ ଘଟଣା ପାଇଁ ଚାହିଁ ରହିଲା ।

ସାବିତ୍ରୀ ଖୁବ୍ ଜୋରରେ ଆଘ୍ରାଣ କରି ଜାଣିବାକୁ ଚାହିଁଲା କାଳେ କୌଣସି ବାଷ୍ପ କକ୍ଷ ମଧ୍ୟକୁ ପଶିଆସୁଛି । କିନ୍ତୁ କାହିଁ କୌଣସି ଗନ୍ଧ ବାରିପାରିଲା ନାହିଁ । କେବଳ ପ୍ରକୋଷ୍ଠରେ ପବନ ଅତିମାତ୍ରାରେ ବାରି ହୋଇଯାଉଥିବା ସେ ଅନୁଭବ କଲା । ସେଥିରେ ନିଶ୍ୱାସ ନେବା କଷ୍ଟକର ହୋଇପଡ଼ିଲା । କ୍ରମେ କ୍ରମେ ରାତି ବଢ଼ି ବଢ଼ି ଗଲା । ଶତ ଚେଷ୍ଟା କରିଲେ ସୁଦ୍ଧା ସେ ଜାଗ୍ରତ ହୋଇ ରହିପାରିଲା ନାହିଁ । ଏକ ଅନାହତ ଦୁର୍ବଳତାରେ ମୂର୍ଚ୍ଛିତ ହୋଇଗଲା ସେ ।

ଅନ୍ଧକାରକୁ ଭେଦକରି ଏକ କ୍ଷୀଣ ଆଲୋକ ବଗିଚା ମଧ୍ୟରୁ କ'କ୍ଷ ମଧ୍ୟକୁ ପ୍ରବେଶ କଲା । କ୍ରମେ ଜଣାଗଲା ବଗିଚା ମଧ୍ୟରୁ ଜଣେ କକ୍ଷ ମଧ୍ୟକୁ ପ୍ରବେଶ କରୁଛି ।

ଶୁଭ୍ର ବସ୍ତ୍ର ପରିହିତ ଯୁଧିଷ୍ଠିରର ଆତ୍ମା ଧୀରେ ଧୀରେ ନିକଟରୁ ନିକଟତର ହୋଇଆସିଲା । ଦୁଇ ହାତ ପାପୁଲିରେ ଧରିଥିଲା ଗୋଟିଏ ଜଳନ୍ତା ମହମବତୀ.... । କିନ୍ତୁ ଏ ଆଗମନକୁ ସାବିତ୍ରୀ ଜାଣିପାରି ନଥିଲା ।

କାରଣ ସେ ସେତେବେଳକୁ ବେହୋସ୍ ହୋଇଯାଇଥିଲା ।

ଏ ଆତ୍ମାର ଚଳନରେ ଏକ ଅସାଧରଣ ଭଙ୍ଗିମା ଲକ୍ଷ୍ୟକରାଯାଉଥିଲା । ସେ ଯେପରି ଶୂନ୍ୟରେ ଚାଲୁଥିଲା । ପାଦ ତାହାର ତଳକୁ ସ୍ପର୍ଶ କରୁ ନଥିଲା ।

ଆଗନ୍ତୁକ ଆତ୍ମାଟି ଜଳନ୍ତା ମହମବତୀକୁ ନିଜର ମୁଖ ନିକଟକୁ ଉଠାଇଲା ଓ ସେ ହସୁଥିଲା । ସେଥିରୁ ଯେପରି ସ୍ନେହ ଓ କରୁଣାର ଉତ୍ସ ଝରିପଡୁଥିଲା । ଧୀରେ ଧୀରେ ଗୋଟିଏ ହାତରେ ଏକ ବିଚିତ୍ର ଗୋଲକୁଣ୍ଡା ହୀରା ନେଇ ସାବିତ୍ରୀର ନାକ ପାଖରେ ଧରି ରଖିଲା ।

ସାବିତ୍ରୀର ଚୈତନ୍ୟ ଫେରିଆସୁଥିଲା । ସେ ଧୀରେ ଧୀରେ ଆଖି ପତା ଖୋଲିଲା । ଆଗନ୍ତୁକ ପୁଣି ଥରେ ଜଳନ୍ତା ମହମବତୀଟିକୁ ନିଜର ମୁଖ ନିକଟକୁ ଉଠାଇ ଦେଇଥିଲା ।

– କିଏ... କିଏ.... ସ୍ୱାମୀ .... ଦେବତା । ଫେରିଆସିଛ ସ୍ୱାମୀ ?

ସେହି ହସ ପୁଣି ଥରେ ଫୁଟିଉଠିଥିଲା ପ୍ରେତ ଯୁଧିଷ୍ଠିରର ଗୋଲାପି ଅଧରରେ ।

ଆତ୍ମବିଭୋର ହୋଇ ସାବିତ୍ରୀ ପାଦଧୂଳି ନେବାପାଇଁ ଉଦ୍ୟତ ହେଲା । ଦୀର୍ଘ ଏକ ବର୍ଷର ମାର୍ମାନ୍ତିକ ବିରହ ପରେ ସେ ପ୍ରାଣର ଦେବତାଙ୍କୁ ଫେରିପାଇଛି.... ।

ତା'ପରେ ଆଗନ୍ତୁକ ଆତ୍ମାଟି ସଙ୍ଗେ ସଙ୍ଗେ ଅଦୃଶ୍ୟ ହୋଇଗଲା, କିନ୍ତୁ ତା'ଆଗରେ ଏବେ ମାଧିଆ ଚାକର ଠିଆ ହୋଇଛି ।

– ଆରେ ମାଧିଆ, ମୋ'ର ପ୍ରାଣର ଦେବତା କୁଆଡ଼େ ଚାଲିଗଲେ ।

– ଏ କ'ଣ କହୁଛ ବୋହୂ ରାଣୀ ?

– ତୁ କ'ଣ କିଛି ଦେଖିନାହୁଁ ?

– ନା ବୋହୂ ମା' ।

ହଠାତ୍ ଘର ଆଗରେ ପୋଲିସ୍ ଗାଡ଼ି ଠିଆହେଲା । ଶ୍ରୀକାନ୍ତବାବୁଙ୍କ ସହ ଓହ୍ଲାଇଲା ପୁଅ ଦକ୍ଷିଣା । ଶ୍ରୀକାନ୍ତବାବୁ ସାବିତ୍ରୀ ଠାରୁ ଜମାନବନ୍ଦୀ ନେଲେ । ଅରବିନ୍ଦ ସେ ସାବିତ୍ରୀର ପ୍ରେମିକ ତାହା ପ୍ରମାଣିତ ହୋଇଗଲା । ଅରବିନ୍ଦ ତଥା ଦକ୍ଷିଣାର ରକ୍ତ ପରୀକ୍ଷାରୁ ଜଣାଯାଉଛି, ଦକ୍ଷିଣା ହେଉଛି କୁଆଁରୀ ସାବିତ୍ରୀର ଗର୍ଭରୁ ଅରବିନ୍ଦର ଔରସରୁ ସନ୍ତାନ ।

କନେଷ୍ଟବଳ ହାତକଡ଼ିଦିଆ ଅରବିନ୍ଦକୁ ଘର ମଧ୍ୟକୁ ନେଇଆସିଛି । ସାବିତ୍ରୀ ଚାହିଁରହିଛି ଅରବିନ୍ଦକୁ ଆଉ ଅରବିନ୍ଦ ମଧ୍ୟ ସାବିତ୍ରୀକୁ ।

ଲୁହ ଛଳଛଳ ଆଖିରେ ଦକ୍ଷିଣା କହିଚାଲିଛି - ବୋଉ, ମୁଁ ଏବେ ମୋ'ବାପାଙ୍କୁ ଖୋଜିପାଇଛି । ହେଲେ ସେ ଯେ ଖୁନି ଆସାମୀ । ସେ ଆମ ପାଖରେ ରହିପାରିବେ ନାହିଁ । ଆମେ ଏବେ କ'ଣ କରିବା ବୋଉ ?

ସାବିତ୍ରୀ ମୁହଁ ବିରସ କରି ପୋଲିସ୍‌ବାବୁର ଗୋଡ଼ତଳେ ପଡ଼ି କାନ୍ଦି କାନ୍ଦି କହୁଥିଲା - ମୁଁ ପାପିନୀ ଏଥିପାଇଁ ଦାୟୀ । ମୋ'ତେ ଦୟା କରନ୍ତୁ ବାବୁ, ମୋ'ପୁଅ ଦକ୍ଷିଣା ତା' ବାପାକୁ ପାଇପାରିଛି ମାନେ ମୁଁ ପାଇଯାଉଛି ମୋ' ସ୍ୱାମୀ । ହତ୍ୟାକାଣ୍ଡର ସାକ୍ଷୀମାନେ କିଛି ଦେଖିନାହାନ୍ତି, କିଛି ଜାଣିନାହାନ୍ତି । ମୋ'ତେ ଫେରାଇଦିଅ ମୋ'ର ଯୁଧିଷ୍ଠିରରୂପୀ ଅରବିନ୍ଦକୁ ।

ବିନା ସାକ୍ଷୀ ପ୍ରମାଣରେ ମୁକ୍ତ ହୋଇଗଲା ଅରବିନ୍ଦ । ଯମଖାନାରୁ ମୁକୁଳାଇ ଆଣି ଅତି ଆନନ୍ଦରେ ହସ ହସୁଥିଲା କଚେରି ପରିସରରେ ଏ ଯୁଗ ସାବିତ୍ରୀ ।

ଅନନ୍ତପୁର (ସୋର), ବାଲେଶ୍ୱର

୦୦୦

# କୁଆଁରୀ ମନର କଥା

ସୁଦର୍ଶନ ବରିହା

କୁଆଁରୀ ଝିଅଟିଏ, ନାଆଁ ତା'ର ରାଧା । ରାଧା ଦେଖିବାକୁ ଅତି ସୁନ୍ଦରୀ । ସତେଯେମିତି ନୀଳ ଆକାଶର ପୁନେଇ ଜହ୍ନଟିଏ । ଲମ୍ବା ବେଣୀ ଉପରେ ମଲ୍ଲୀ ଫୁଲର ଗଜରା ମାଳିଟିଏ ଲମ୍ବିଛି । ତନୁ ମନରେ ଯୌବନର ବାସ୍ନା ସହ ମଲ୍ଲୀ ଫୁଲର ବାସ୍ନା ଦ୍ୱିଗୁଣିତ କରୁଛି । ମୃଗନୟନା, ସିଂହକଟୀ ପରି ନିତମ୍ବ । ପାଦ ଦୁଇଟିରେ ରାଜହଂସୀ ପରି ଢ଼ଳ ଢ଼ଳ ଚାଲି, ପାଦ ପାଉଁଜିର ରୁଣୁଝୁଣୁ ଶବ୍ଦରେ ଆତ୍ମବିଭୋର ହୁଅନ୍ତି କୃଷ୍ଣ ଆଉ ତାଙ୍କ ସଖାଗର । ସତରେ କି ରଙ୍ଗେ ଗଢ଼ିଲା ବିହି ଏହି ନାରୀ ମାତୃଜାତିକୁ ।

ରାସ ରସିକା ରାଧା ଚୁଲ୍‌ବୁଲି ଝିଅଟିଏ । ଆବାଳବୃଦ୍ଧବନିତା ସମସ୍ତଙ୍କୁ ଭଲପାଏ । ଏମିତି ଭଲପାଇବା ଝିଅ ଖଣ୍ଡମଣ୍ଡଳରେ ନିଆରା । ପରଦୁଃଖ ଦେଖିଲେ ଆଖିରୁ ଲୁହ ଗଡ଼ିଯାଏ । ଗରିବ ଘର ଝିଅ ହେଲେ ମଧ ନିଜକୁ ଛୋଟ ବୋଲି ଭାବେ ନାହିଁ । ତା'ର ହୃଦୟଟା ସ୍ନେହ ମମତାରେ ଗନ୍ତାଘର । ଛୋଟ ଛୋଟ ଛୁଆଙ୍କୁ ସେ ବେଶୀ ଆଦର କରେ । ରାଧା ଗାଁ ବିଦ୍ୟାଳୟରେ ମାଇନର ଯାଏ ପଢ଼ି ପୋଥିରେ ଡୋରୀ ବାନ୍ଧିଲା । ସରକାରଙ୍କ ସାହାଯ୍ୟ ପାଇ ମଧ ଆଗକୁ ସେ ପାଦ ଥାପି ପାରିଲା ନାହିଁ । ବାପା ବଇଁଶୀ ମହୁଲି ପିଇ ଅଧା ବୟସରେ ପରପାରିକୁ ଚାଲିଗଲା । ମାଆ ବାଉରୀଟା ମୂଲ ଲାଗି ରାଧାକୁ ଛୋଟରୁ ଏଡୁଟିଏ କରିଛି । ରାଧାକୁ ଦେଖିଲେ ମାଆ ମନଟା ଉଚ୍ଛନ୍ନ ହେଇଯାଏ । ଶୁଖିଲା ମୁହଁରେ ହସ ଫୁଟି ଉଠେ । ଭୋକ କୁଆଡ଼େ ଛୁ-ଚମ୍ପଟ ମାରେ । ମାଆ ବାଉରୀ ରାଧାକୁ ଗେଲେଇ କହେ - ମୋ ରାଧା ରାଣୀଟା କେଡ଼େ ସୁନ୍ଦରିଆ ହୋଇଛି । ଝିଅକୁ ଅନେଇ ମାଆଁ ତା'ର ଖିଲି ଖିଲେଇ ହସିଉଠେ । କିଛି କହିବାକୁ ଭାଷା ପାଏ ନାହିଁ । ରାଧା କହେ - କିଲୋ ବୋଉ, ତୁ କ'ଣ ବାଉରୀ ହେଇଛୁ ? କ'ଣ ପାଇ ହସୁଛ ଯେ ହସୁଛୁ ? ସାହିପଡ଼ିଶା ଗାଁ ଲୋକ ଶୁଣିଲେ କ'ଣ ବୋଲି କହିବେ ? ରାଧାର ମାଆ ଝିଅକୁ ବୁଝେଇ କହେ - କିଲୋ ଝିଅ ମୁଁ ପରା ତୋର ମାଆ । ବାଉରୀ ମାଆ । ନାଆଁଟା ମୋର ବାଉରୀ । ବାଉରୀ କହିଲେ କ୍ଷତି କ'ଣ ? ଆମେ ମାଆ ଝିଅ 'କା-ଧରେ' ନା ପାଞ୍ଚ ପଚିଶିରେ ଅଛୁଯେ, କିଏ ରକ୍ତ ଚାଉଳ ଚୋବେଇବ । ଗେରସ୍ତ ନାହିଁ ବୋଲି ଆମର କ'ଣ ସ୍ୱାଭିମାନ ନାହିଁ । ଗରିବ ହେଇ ଅଠର ଶିଆଁ କୋତରା ଲୁଗା ପିନ୍ଧିଲେ ବି ଆମେ କାହାଠୁ ଠକିନାହୁଁ କି ଚୋରି କରିନୁ । କାମ କଲେ ଖାଇବାକୁ ମିଳିବ । କାମ ନ କରି ଖାଇବସିଲେ ନଈବାଲି ମଧ ନିଅଣ୍ଟ ପଡ଼ିଯିବ । ହାତେ ମାପି ଚାଖଣ୍ଡେ ଚାଲି ଶିଖିଲେ ବାଟରେ ଝୁଣ୍ଟି ପଡ଼ିବୁନି । ଚଲାବାଟରେ କାଦୁଅ କି କଣ୍ଟା । ପଶିବ ନାହିଁ । କୌଣସିପ୍ରକାର ଦହଗଞ୍ଜ ହେବାକୁ ଜମା ପଡ଼ିବ ନାହିଁ ।

ରାଧା ଆଜି ବଡ଼ ହେଇଗଲାଣି । ଅତି ସନ୍ତର୍ପଣରେ ତାକୁ ଚାଲିବାକୁ ପଡୁଛି । ମୂଲ ନ ଲାଗିଲେ ପେଟକୁ ଦାନାଖଣ୍ଡେ ମିଳିବ ନାହିଁ । ରାଧା କାମରୁ ଫେରି ବେଳେବେଳେ ହତାସ ହୋଇପଡ଼େ । କାହାକୁ କିଛି ନ କହି ତୁନି ହୋଇ ଶୋଇଯାଏ । ଆଖିରେ ଆଖିଏ ସ୍ୱପ୍ନ ଭରିଯାଏ । ଦଦରା ଅଠରଶିଆଁ ଲୁଗା ତଳେ ଉଙ୍କି ମାରୁଥିଲା କୋମଳ ହୃଦୟରେ ନବ ତାରୁଣ୍ୟତାର ପ୍ରେମୋଚ୍ଛାସ । ଘର ପଛପଟେ ଆମ୍ବ ବଣ । ତା'ରି ଅନତିଦୂରରେ ଛୋଟ ଝରଣାଟିଏ ଗାଆଁ ଆଡ଼କୁ ବହିଆସିଛି । ଗଛଟି ବଡ଼ ହେଲାପରେ କଅଁଳିଆ ପତ୍ର ଆଢୁଆଳେ ଫୁଲଟିଏ ଫୁଟେ । ମହମହ ବାସ୍ନାରେ ଚୌଦିଗକୁ ବାସ୍ନାତୀତ କରିପକାଏ । ଭ୍ରମର ଆସି ଚୁମ୍ବନ ଦେଇ କ'ଣ ସବୁ ଗୁଣୁଗୁଣୁ କରି ତା' କାନରେ କହିଦେଇ ଯାଏ । ପତତ୍ରି ଆସି ଆମ୍ବ ବୃକ୍ଷ ଡାଳରେ ବସି

କୁହୁତାନେ ଝଙ୍କୃତ କରେ ସାରା ଆମ୍ବ ତୋଟାକୁ । ଫୁଲରୁ କ୍ରମେ ସୁନ୍ଦର ଫଳଟିଏ ହୋଇ ବୃକ୍ଷର ଶୋଭାବର୍ଦ୍ଧନ କରିଥାଏ । ରାଧାର ମାଆ ବାଉରୀ ଗାଆଁର କାହାକୁ ଖାତିର୍ କରେନାହିଁ । ସତ୍ୟ ନ୍ୟାୟକୁ ଆଶ୍ରେକରି ମାଆ ଝିଅ ଦୁଇଟା ଚଳୁଛନ୍ତି । ଘରଭଙ୍ଗା କଥାଗୁଡ଼ାକ ଶୁଣିଲେ ନିଆଁବାଣ ହେଇଯାଏ । ରାଗିଗଲେ ଶୁଖିଲା କାଠରୁ ବି ରସ ପିଚ୍‌ପିଚ୍ ହେଇ ବାହାରିପଡ଼େ । ନିଆଁ ପାଣିକୁ ସମସ୍ତଙ୍କର ଡର । ଚତୁରୀ ନାଗରୀ ବାଉରୀଟା । ବୟସର ଗଛରୁ ପତ୍ର ସିନା ଝଡ଼ି ତଳେ ପଡ଼ିଛି । ବୃକ୍ଷରେ ଫୁଟିଥିବା ଫୁଲଟା ଝାଉଁଳି ପଡ଼ିଚି । ବୃକ୍ଷଟା ତ ବ ଞ୍ଚି ଛି । ଜୀବନରେ ଅନେକ କିଛି ଘଟିଯାଏ । ବାସ୍ତବତା ବାଲି ମରୀଚିକାରେ ପରିଣତ ହୋଇଯାଏ । ବହିଗଲା ନଈ ପଛକୁ ଫେରି ଚାହେଁ ନାହିଁ । ରାଧା ପାଇଁ ମାଆର ଆଦୌ ଚିନ୍ତା ନାହିଁ । ଫୁଲ ପାଖକୁ ଭଅଁର ଆସେ । କେଡ଼େ ସରାଗରେ ଫୁଲକୁ ଗେଲ କରେ । ରାଧା ପାଖକୁ କାହ୍ନୁ ଆସିବ । ଆଜି ନ ହେଲେ କାଲି କିମ୍ବା ତା'ପରଦିନ, ଏଥିରେ ବ୍ୟସ୍ତ ହେବାର କ'ଣ ଅଛି ?

ବାଉରୀ ବୁଢ଼ୀର କଥାର ଉ ତ୍ତ ର ଦେବାକୁ କେହି ଭରସା କରନ୍ତି ନାହିଁ । ରାଧାର ସାଙ୍ଗ ଝିଅମାନେ ଘରବର କରି ସଂସାର କଲେଣି । କାହା କୋଳରେ ପୁଅଟିଏ ତ କାହା କୋଳରେ ଝିଅଟିଏ ଖେଳୁଛି । ସାଙ୍ଗ ଝିଅମାନେ ବାପଘରକୁ ଆସିଲେ ତାଙ୍କ ପିଲାପିଲିଙ୍କୁ ରାଧା ଗେଲ କରେ । ଲଳିତା, ବିଶାଖା, ଚିତ୍ରା, ଇନ୍ଦୁରେଖା ରାଧାକୁ କହନ୍ତି - ସତରେ ସାଙ୍ଗ, ତୁ କ'ଣ ବାହାସାହା ହେବୁନି ? ରାଧା ଦୁଃଖରେ ଭାଙ୍ଗିଯାଏ । ଗୋରା ମୁହଁଟା ଫିକା ପଡ଼ିଯାଏ । କାହାକୁ କିଛି ନ କହି ଘରକୁ ଫେରିଆସେ । ଚାଳ ନଡ଼ାର ଛପର ଘର ଭିତରେ ଦିନବେଳା ଆକାଶର ଜହ୍ନ, ତାରାକୁ ନିରୀକ୍ଷର କରେ । ସତେଯେମିତି ତା'ହାତ ପାହାନ୍ତାରେ । ହେଲେ ସେ ଜହ୍ନ କାହିଁ ? କାହିଁ ସେ ଆକାଶର ତାରକା ମଣ୍ଡଳ । ନିସ୍ତବ୍ଧତା ତା'ର ଚତୁଃପାର୍ଶ୍ୱରେ ଘେରିଯାଏ ।

ସବୁ ଭାଗ୍ୟର ବିଡ଼ମ୍ବନା । ରାଧା ସୁନ୍ଦରୀ ହେଲେ ବି ଅସୁନ୍ଦରୀ, ଅପାଠୋଇ । ଆଜିକାଲିକା ଯୁଗରେ ବର ବିକ୍ରି ହେଉଛି ଅଜସ୍ର ଟଙ୍କା ବିନିମୟରେ । ସୁନାଗହଣା ସାଙ୍ଗକୁ ଗାଡ଼ିଘୋଡ଼ା ଯିଏ ଦେଇପାରିଲା ବରର ଅଭାବ ନାହିଁ । ରାଧାଟା କି ପାପ କରିଥିଲା କେଜାଣି ତା'ପାଇଁ କାଳିଆ ନାହିଁ କି କୃଷ୍ଣ ନାହିଁ । ତା'ର ମନ ବୃନ୍ଦାବନ ଆଉ ଯମୁନା ଜଳ ଶୁଖିଗଲାଣି ବୋଧୁହୁଏ । ଝିଅ ବାହାଦେଲେ ଅନେକ ଜାନିଯୌତୁକ ଦେବା ପଡ଼ିଥାଏ । ପିତାମାତାଙ୍କୁ ଝିଅ ପାଇଁ ନିନ୍ଦା ଅପବାଦ ସହିବାକୁ ପଡ଼ିଥାଏ । ତେଣୁକରି ଆଜିକାଲିକା ଯୁଗରେ ଲୋକେ ଝିଅମାନଙ୍କୁ ବୋଝ ବୋଲି କହୁଛନ୍ତି । ସତରେ କ'ଣ ଝିଅମାନେ ସମାଜର କଳଙ୍କ । ନାରୀ ବିନା ଏ ମଣିଷ ସମାଜ କ'ଣ ତିଷ୍ଠିପାରିବ ? ଯୌତୁକ ବିନା ସୁନ୍ଦରୀ ରାଧା କ'ଣ ବାହା ହେବନାହିଁ ? ଏଥିପାଇଁ ଆଜିର ମଣିଷ ସମାଜ ହିଁ ଦାୟୀ । ଏ ସମାଜ ସୃଷ୍ଟି କରିଛି ଯୌତୁକ ରାକ୍ଷସକୁ । ଏହି ଯୌତୁକ ରାକ୍ଷସ ଗ୍ରାସ କରୁଛି ସମଗ୍ର ନାରୀ ସମାଜକୁ । ରାଧା ମନରେ ଅନେକ ପ୍ରଶ୍ନବାଚୀ । ଜୀବନଟା ଅଲୋଡ଼ା ନୁହେଁ । ଜନ୍ମ ମାତ୍ରେ ମରଣ ଅବଶ୍ୟମ୍ଭାବୀ । ଏ ସଂସାର ପାଇଁ ନାରୀର ଅବଦାନ ମହାନ୍ । ଦେଶ ଜାତି ପାଇଁ ସେ କଲ୍ୟାଣମୟୀ । ରାଧାର ମାଆ ବାଉରୀ ଆଜି ବୁଝିପାରିଛି । ଝିଅ ଜନ୍ମଦେଇ ବାହାଦେଇ ପାରିଲାନି ବୋଲି କେତେ କାନ୍ଦିଛି । ଜୀବନକୁ ଧିକ୍କାର କରିଛି । ମାଆକୁ ଅନେକ କରି ରାଧା ବୁଝାଇଛି ।

କର୍ମ ଭାଗ୍ୟ ମୋର । ସମୟ ଆସିବ, ରାଧାମାନଙ୍କ ବିନା କାହ୍ନୁ କେବେ ବ ଞ୍ଚି ବ ନାହିଁ । ସମ୍ବାଦ ପୃଷ୍ଠାକୁ ଦେଖାଇ କହିଲା - ଏ ଦେଖ୍ ମାଆ ଏହି ପୃଥିବୀର ଜନଗଣନା ସୂଚନା ଫଳକକୁ । ରାଧାପାଇଁ କାହ୍ନୁ ଆସୁଛି ବରବେଶ ସାଜି । ହାତଗଣ୍ଠି ପଡ଼ିବ, ସାହାନାଇ ବାଜିବ, ରୋଶଣି ଜଳିବ । ବିନା ଯୌତୁକରେ ବାହାଘର ହେବ ।

ଜମଲା, ବରଗଡ

# ମୁକ୍ତି

ଜୟଶ୍ରୀ ଦାସ

ରାତି ପାହିଲେ ମହାଶିବରାତ୍ରୀ । ଜାଗର ଓଷା । ଠାକୁରଙ୍କ ପାଖରେ ମହାଦୀପ ଉଠିବ । ଏହାକୁ ଦେଖିବାକୁ ଓପାସ ରହି ଭକ୍ତ ଆକୁଳ ଚିତ୍ତ ରେ ଓ ଏକ ନୟନରେ ଚାହିଁରହିଛନ୍ତି ନିଜ ଦେହକୁ କଷ୍ଟ ଦେଇ ମହାଦେବଙ୍କ ନିକଟରେ ନିଜକୁ ସମର୍ପିତ କରିବେ । ଭିଡ଼ ଭିତରେ ବି ତାଙ୍କର ଇଚ୍ଛା ଆମେ ଦେଖିସାରି ଭୋଗ ପାଇବୁ । ବର୍ଷକରେ ଥରେ ଏଇ ଦିନଟି ଏକ ଅଭୁଲା ଓ ସ୍ମରଣୀୟ ଦିନ । ଭକ୍ତଙ୍କ ପାଇଁ ଈଶ୍ୱର ତ ସବୁବେଳେ ବନ୍ଧା । ଯିଏ ନିର୍ମଳ ମନରେ ଡାକେ ଯେଉଁଠି ଥିଲେ ବି ଈଶ୍ୱର ତା' ଡାକ ଶୁଣନ୍ତି । ସେଥିପାଇଁ କହନ୍ତି, ମନ ସଫା ଥିଲେ ଗଡ଼ିଆ ଗଙ୍ଗା । ସମସ୍ତେ ଚାହିଁଲେ ବି ଯାଇପାରିବେ । ମନ୍ଦିର ବୋଲି କିଛି କଥା ନାହିଁ । ଡୋରି ନ ଲାଗିଲେ ମନ୍ଦିର ବା ଈଶ୍ୱରଙ୍କୁ ଦର୍ଶନ କରିବା ସହଜ ନୁହେଁ, କିନ୍ତୁ ମନପ୍ରାଣରେ ଈଶ୍ୱରଙ୍କୁ ଡାକିହୁଏ ଓ ପାଇହୁଏ । ଯେଉଁଠି ବି ଥାଉ ଈଶ୍ୱର ତା'ଡାକ ଶୁଣିବେ ନିଶ୍ଚୟ । ସେ ତ ଭକ୍ତର ମନ କଥା ବୁଝିଥାନ୍ତି । କାହିଁକିନା ମନ ମନ୍ଦିରରେ ଠାକୁରଙ୍କୁ ପୂଜାକରି ହୁଏ । ଆଖିର ଲୁହ ଢ଼ାଳି ମନ କଥା କହିହୁଏ ।

ସବୁ ବର୍ଷ ଶୁଭସ୍ମିତା ଏଇ ମହାଶିବରାତ୍ରୀ ଦିନ ମନ୍ଦିର ଯାଆନ୍ତି, କିନ୍ତୁ ଏ ବର୍ଷ ରବିବାର ପଡୁଥିବାରୁ ଦିନଯାକ କାମ ବ୍ୟସ୍ତ । ସ୍ୱାମୀ ଓ ପିଲାମାନଙ୍କୁ ଦେଖିବା ତାଙ୍କ ପାଇଁ ରୋଷେଇ କରିବା, ତାଙ୍କୁ ଖାଇବାକୁ ଦେବା ଇତ୍ୟାଦି ନ କଲେ କିଏ କରିବ । ସେ ତ ଏକୁଟିଆ । କର୍ମବ୍ୟସ୍ତ ମଣିଷଟିଏ । ମହାଦେବ ତା'ମନକଥା କ'ଣ ଜାଣୁ ନାହାନ୍ତି ? ଭାବିଲେ ସମୟ ହେଲେ ଯିବି ନ ହେଲେ ନାହିଁ । ଏଇ ତ ସଂସାର । ମନ ଭିତରେ ଯଦି ମହାଦେବ ଥାଆନ୍ତି ତେବେ ଦର୍ଶନ କରିବା ବଡ଼କଥା ନୁହେଁ । ପଡ଼ିଶାଘରର ବୋହୂ ରୀତା ପଚାରିଲେ ଆପଣ ଯିବେ ନା ନାହିଁ ମନ୍ଦିର ? ସେ କହିଲେ ତମେ ଯାଅ । ମୁଁ ସଂସାର ଭିତରେ ମହାଦେବଙ୍କୁ ଉପଲବ୍ଧି କରୁଛି । ଭକ୍ତି, ସେବା ଓ ପୂଜା ଏମିତି ଜିନିଷ ଏଥିପାଇଁ ତପସ୍ୟା ଦରକାର । ଯେମିତି ପାର୍ବତୀ ଶିବଙ୍କୁ ପାଇବା ଲାଗି କଠିନରୁ କଠିନତର ତପସ୍ୟା କରି ଶେଷରେ ଜୟ ଲାଭ କରିଥିଲେ ଓ ତାଙ୍କୁ ବିବାହ କରି ସ୍ୱାମୀ ରୂପରେ ଗ୍ରହଣ କରିଥିଲେ । ଶିବ, ପାର୍ବତୀ, କାର୍ତ୍ତିକ ଓ ଗଣେଶ ପରି ମୋର ବି ଦୁଇପୁଅ ଓ ପରିବାରରେ ଆମେ ଚାରିଜଣ । ପ୍ରତ୍ୟେକ ଠାକୁରଙ୍କର ଉଜ୍ଜ୍ୱଳ ଓ ତ୍ୟାଗର ଦୀପ୍ତିମୟ କାହାଣୀ ରହିଛି । ଯାହାଙ୍କର ମହିମା ଓ ପ୍ରେମର ଉଜ୍ଜ୍ୱଳ ଦୃଷ୍ଟାନ୍ତ ରହିଛି । ପ୍ରେମ ଓ ଭକ୍ତିରେ ହିଁ ସମସ୍ତଙ୍କୁ ସନ୍ତୁଷ୍ଟ କରିହୁଏ ଓ ଈଶ୍ୱରଙ୍କୁ ପାଇହୁଏ । ସଂସାର ବା କୌଣସି ଜଟିଳ ପରିସ୍ଥିତିର ସମ୍ମୁଖୀନ ହେଲାବେଳେ ତ୍ୟାଗ ଓ ପ୍ରେମର ବିପୁଳ ଆବଶ୍ୟକତା ରହିଛି । ତେଣୁ ନିଜେ ଦୁଃଖରେ ରହି ଅନ୍ୟଙ୍କୁ ଖୁସି କରିବା ମୋର କର୍ତ୍ତବ୍ୟ । ଅଧାକାମ ପକାଇ ଚାଲିଯିବାଟା ଅସୁନ୍ଦର । ସେମାନେ ଖାଇସାରିବା ପରେ ଶାନ୍ତି ଅନୁଭବ କରିବେ । ସେଥିରେ ମୁଁ ଖୁସି ହେବି । ମଣିଷ ତ ଈଶ୍ୱର ।

ଜଣେ ଗୃହିଣୀ ପାଇଁ ତା' ସଂସ୍କାର ବଡ଼ ନା ମନ୍ଦିର ? ସ୍ୱାମୀକୁ ହୃଦୟର ଦେବତା କହନ୍ତି । ପୂଜା କରନ୍ତି । ଆଜିକାଲି ଯୁଗରେ କେତେଜଣ ପୁରୁଷ ଓ ନାରୀ ଏହାକୁ ପାଳନ କରୁଛନ୍ତି ? ପରସ୍ପର ସହ ମନ ମିଶିଲେ ଘର ମନ୍ଦିର ବା ସ୍ୱର୍ଗ ହୁଏ । ନଚେତ୍ ଅଶାନ୍ତିର କାରଣ ହୁଏ । ସ୍ନେହପ୍ରେମରେ ପରସ୍ପର ବାନ୍ଧିହେବା ଉଚିତ୍ । ଯେଉଁଠି ସ୍ୱାମୀକୁ ଦେବତା କହି ସ୍ତ୍ରୀ ପୂଜା କରେ, ସେ ଘର ମନ୍ଦିର ସାଙ୍ଗେ ସମାନ । ମୋ' ସ୍ୱାମୀ ଭଲ ହେଉ କି ମନ୍ଦ ହେଉ ମୁଁ ତ ମୋର କର୍ତ୍ତବ୍ୟ କରେ ଓ ତାଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରେ । ମୋର ଭୁଲ୍ ଥାଉ କି ନ ଥାଉ ମୁଁ ତାଙ୍କୁ ଉଦାର ବକ୍ଷରେ ମୁକ୍ତ କରେ ଓ ଲୁହ ଗଡ଼ାଇ ଆଖିରୁ ଈଶ୍ୱରଙ୍କ ପାଖେ ନିଜେ ମୁକ୍ତି ପାଏ । କହେ ହେ ମହାଦେବ, ମୋତେ ସହିବା ଶକ୍ତି ଦିଅ । ମୁଁ ଦୁଃଖର ବିନ୍ଦୁରୁ ମହାସିନ୍ଧୁ ଅତିକ୍ରମ କରେ ଓ ତୁମକୁ ପାଏ, ମୋ'ମନ ମନ୍ଦିରରେ ଦୀପଟିଏ ଜାଳି ।

ସ୍ତ୍ରୀ ସ୍ଥାନ ସବୁବେଳେ ସ୍ୱମୀର ଚରଣରେ । ସ୍ୱାମୀକୁ ନେଇ ତା' ସଂସାର ତଥା ପରିବାର । ସ୍ୱାମୀ ନଥିଲେ ଘର ଶୂନ୍ୟ ମନେହୁଏ । ସ୍ୱାମୀଙ୍କୁ ଖୁସି କରାଇବା ତାର କାମ ।


କଥାରେ ଅଛି -

"ସକଳ ତୀର୍ଥ ତୋ ଚରଣେ
ବଦ୍ରିକା ଯିବି କି କାରଣେ ।"

ଜଣେ ନାରୀର ପରିଚୟ ତା'ର ଶଙ୍ଖା ଓ ସିନ୍ଦୂର, ଯାହା ଧନଠୁ ବି ଅଧିକ ମୂଲ୍ୟ । ସେତକ ନ ଥିଲେ ତାର ରୂପର ମହତ୍ତ୍ୱ ନ ଥାଏ । ତେଣୁ ଆଖିର ଲୁହରେ ବ୍ୟଥା ଓ ବେଦନାରେ ପ୍ରେମର ଅମାପ ପରିଧି ଭିତରେ ସମର୍ପି ଦିଏ ତୁମ ପାଶେ ନିଜକୁ କାରଣ ମୁଁ ଚାହେଁ ସ୍ୱାମୀ ଥାଉ ଥାଉ ମୁଁ ଚାଲିଯାଏ ଆରପାରିକୁ । ଶାନ୍ତି ପାଇବାକୁ ନିଜର କର୍ତ୍ତବ୍ୟ ସାରି ମୋକ୍ଷ ହୁଏ, ମୁକ୍ତି ପାଏ ।

କେଦାରଗୌରୀ ବିହାର, ଭୁବନେଶ୍ୱର

୦୦୦




ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ